# ଚାନ୍ଦଧୁଆ ଆକାଶ

ଡକ୍ଟର ସୁବାସିନୀ ଲେଙ୍କା

ସତ୍ୟବ୍ରତ ପ୍ରକାଶନୀ

# ଚାନ୍ଦଧୁଆ ଆକାଶ

*ଲେଖିକା*
**ଡକ୍ଟର ସୁବାସିନୀ ଲେଙ୍କା**
ସ୍ୱାତୀ ଭବନ, ଷ୍ଟେସନ ବଜାର, କଟକ - ୭୫୩୦୦୩
ଫୋନ୍ : ୦୬୭୧ - ୨୫୪୭୫୨୩

*ପ୍ରକାଶକ* : **ସତ୍ୟବ୍ରତ ପ୍ରକାଶନୀ**
**ଟାଉନ ହଲ୍ ରୋଡ୍, କଟକ - ୭୫୩୦୦୯**

*ପ୍ରକାଶ କାଳ* : **ରଥଯାତ୍ରା, ୨୦୧୩**

*ପ୍ରଚ୍ଛଦ* : **ଶ୍ରୀ ବିଜୟ ପ୍ରଧାନ**

*ମୁଦ୍ରଣ* : **ସତ୍ୟବ୍ରତ ଅଫ୍‌ସେଟ୍**
ଟାଉନ ହଲ୍ ରୋଡ୍, କଟକ - ୭୫୩୦୦୯

*ମୂଲ୍ୟ* : **୮୦ ଟଙ୍କା ମାତ୍ର**

ମୋ ଜୀବନକୁ
ଭାବମୟ ଓ କବିତାମୟ କରିଥିବା
ରଥାରୂଢ଼ ଶ୍ରୀଶ୍ରୀ ଜଗନ୍ନାଥଙ୍କ
ପଦାରବିନ୍ଦରେ ସମର୍ପଣ କରୁଛି
ମୋ ଏ କବିତା ସଂକଳନ
'ଚାନ୍ଦଧୁଆ ଆକାଶ'

— ସୁବାସିନୀ

— ଶ୍ରୀ ଜଗନ୍ନାଥ —

# ଚିଠିଟିଏ

**ସୁବାସିନୀ,**

'ଚାନ୍ଦଧୁଆ ଆକାଶ'ର ପାଣ୍ଡୁଲିପିଟି ପାଇଲି । 'ଝରାପତ୍ରର ଶିଳାଲିପି' ବହିଟି ପଢ଼ି ଖୁବ୍ ଖୁସି ହେଉଥିଲି । ତତେ ମୁଁ କେବେଠୁ ଦେଖିଛି, ଜାଣିଛି । ଧୀର ଯାଙ୍କ ସାନଭାଇ, ଯାହା କହନ୍ତି ଏକା ନାହି ଦି'ଖଣ୍ଡ । ତା'ର ଭାଉଜ ଡାକରେ ସତେକି ମୋ' ଆଗରେ ଉଭା ହେଇଯା'ନ୍ତି ଶାନ୍ତ, ସରଳ ଲକ୍ଷ୍ମଣଙ୍କ ପ୍ରତିଛବି । ସେଇ ହିସାବରେ ତୁ ମୋ' ସାନ ଜା' । ଆମ ଲୋକ ସାହିତ୍ୟରେ 'ଜା'ମାନେ ଯା' ମୋ'ଠୁ ଦୂରେଇ ଯା' । କିନ୍ତୁ ମୁଁ ତତେ ସେମିତି ଜମା ଭାବିନି । ତୁଳସୀ ଦୁଇପତ୍ରରୁ ବାସିଲା ପରି ତୁ ମତେ ପ୍ରାରମ୍ଭରୁ ବାସିଥିଲୁ – ସତେକି ତୋ' ଭିତରର ସ୍ୱଚ୍ଛତା, କୋମଳତା ମୋ' ଆଗରେ ସ୍ପଷ୍ଟ ହେଇଯାଇଥିଲା – ତୁ ଏଡ଼େବଡ଼ କଲେଜରେ ଏତେ ନାମୀ,ଦାମୀ ବିଷୟରେ ଅଧ୍ୟାପିକା ଥାଇବି ତୋ'ର ଆପଣାର ପଣ ମତେ ଆପଣେଇ ନେଲା । ଦି' ଜା' ନୁହେଁ – ଆମେ ହେଇଗଲେ ସତେ କି ଏକା ରକତର ଦି' ଭଉଣୀ ।

ଏକା ରାହାରେ ମୁଁ ମୂଳରୁ ଚୂଳ ସବୁ ପଢ଼ିଦେଲି । ତା'ପରେ ଜାଣ ଖର ନିଃଶ୍ୱାସ ମୋ'ର ମୃଦୁ ହେଲା, ଭଲକି ଟିକେ ନିଃଶ୍ୱାସ ନେଲି । ଛେଚାପିଟା ପିଲାଟିଏ ତୁ ପିଲାଦିନୁ । ମୂଳରୁ ତୋ'ର ଈଶ୍ୱରଦତ୍ତ କବିପ୍ରାଣ । ପିଲାଟି ଦିନରୁ ତୋ'ଠି ଭରି ରହିଥିଲା ଆତ୍ମବିଶ୍ୱାସ, ମନେମନେ ଠାକୁରଙ୍କୁ ଜାବୁଡ଼ି ଧରିଥିଲୁ ତୁ । କେହି ଜାଣୁ ବା ନ ଜାଣୁ, ତୋ' ଭିତିରି ନୟନରେ ତୁ ତାଙ୍କୁ ଦେଖୁଥିଲୁ । ଦେଖି ଦେଖି ବିଭୋର ହେଉଥିଲୁ । ସେଇ ବିଭୋରତା ସଂଚି ରଖିଥିଲୁ ମନ ଭିତରେ, ହୃଦୟ ଭିତରେ । ଦିନେ ଦେଖିଲାବେଳକୁ ସେ ମୁଣାଟା ଫାଟିଗଲା । ତା' ଭିତରୁ

ବାହାରି ଆସିଲା ସୁବାସିତ ଚନ୍ଦନରେ ମାଖି ହେଉଥିବା କବିତା, ଭ୍ରମଣ କାହାଣୀ, ଆତ୍ମଜୀବନୀ, ଗପ ଆଉ ବିଜ୍ଞାନ ଭିତ୍ତିକ ଲେଖାମାନ। ପାଠକେ ତତେ ଚିହ୍ନିଲେ, ଚିହ୍ନି ବାହାବା କଲେ। ଆମ ସାହିତ୍ୟ ଜଗତରେ ହେଇଗଲୁ ତୁ ଏକ ଅନନ୍ୟ ପ୍ରତିଭା।

ସୁବାସିନୀ, ସତରେ କେଡ଼େ ବିଚିତ୍ର ଏହି ବିଶ୍ୱ। ଆହୁରି ବିଚିତ୍ର ଏହାର ଲୀଳା, ଖେଳା। ଏଠି ଜନ୍ମଗ୍ରହଣ କଲା ମାତ୍ରେ ହିଁ ପ୍ରତିଟି ପ୍ରାଣୀକୁ 'ଭବଦୁଃଖ' ଭୋଗିବାକୁ ହୋଇଥାଏ। ଏହାର ଅର୍ଥ ଜନ୍ମ ହେବା ପରର ଯନ୍ତ୍ରଣା। ଜୀବନ ତା' ସହିତ ଯନ୍ତ୍ରଣାକୁ ଘେନି ଆସିଥାଏ। ସେତକ ଟିକିଏ ବାଗକୁ ଆସିଲାପରେ ତା' ଭିତରେ ଆଉ ଗୋଟିଏ ଅମିମାଂସିତ ପ୍ରଶ୍ନ ଉଙ୍କି ମାରେ। ସେ କାହିଁକି ବଞ୍ଚିବ? କାହାଲାଗି ବଞ୍ଚିବ? ବଞ୍ଚିବାର ଅର୍ଥ କ'ଣ? ବଞ୍ଚିବାର ସାର୍ଥକତା କେଉଁଠି? ଜୀବନରେ ସତକୁ ସତ କିଛି ଆନନ୍ଦ ଅଛି କି? ଯଦି ଅଛି ତାକୁ କେମିତି ପାଇବା?

ଏହି ପରିପ୍ରେକ୍ଷୀରେ ମନଚାହେଁ ସେ ଜୀବନକୁ ବୁଝିବ — ହୃଦୟ ଚାହେଁ ସେ ସବୁ କଥାକୁ ଅନୁଭବ କରିବ, ଉପଲବ୍ଧି କରିବ। ସେ ନିଜକୁ ଅନ୍ୟପାଖରେ ଆଜାଡ଼ି ଦେବ, ଅନ୍ୟକୁ ଭଲପାଇବ। ତୁତ ଜାଣୁ ...To every action there is equal and opposite reaction ସେଇ ନିୟମରେ ଛନ୍ଦିରିମନ୍ଦିରି ହେଇ ଅନ୍ୟମାନେ ମଧ୍ୟ ତାକୁ ଭଲ ପାଇବେ, ସ୍ନେହ କରିବେ, ଶ୍ରଦ୍ଧା କରିବେ। ସେ ବଞ୍ଚିବ - ଖୁସିରେ ବଞ୍ଚିବ ଜୀବନର ଶେଷଯାଏ। ଏଇ ଅଫୁରନ୍ତ ଖୁସିରେ ସେ ଖାଲି ଉବୁଟୁବୁ ହେଉଥିବ। ଏଇକଥା ସବୁ ତୋ'ଠି ସାମିଲ୍ -

ଏଥର ଟିକେ ତୋ' ଭିତରକୁ ଚାହିଁବି। ତୋ' ଭିତରେ ଖାଲି ଚାନ୍ଦ ଚାନ୍ଦ - କୁମାର ପୂର୍ଣ୍ଣମୀର ପୂର୍ଣ୍ଣିମା ଚାନ୍ଦ ହେଇ ଝଟକୁଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ତୁ ତାଙ୍କରି ପାଖରେ ଗୁହାରି କରିଛୁ —

ହାତେ ମୋ'ର କିଛି ନାହିଁ
ଚିନ୍ତା କରିବି କାହିଁକି
ଭାଗ୍ୟଫଳ ମୋ' ହାତରେ ଅଛି

ଅଜାଡ଼ି ଦେବି ପ୍ରଭୁ ତୁମ ଶ୍ରୀଚରଣ ତଳେ
ସଜାଡ଼ି ଦେବ ମୋ' ଭାଗ୍ୟକୁ
ଭାବି ଭାବି ବଡ଼ଦାଣ୍ଡେ ଚାଲିଛି
ମୁଁ ଆଗକୁ ଆଗକୁ
(ଖାଲି ହାତେ ଯାଉଛି ମୁଁ)

ଧନ୍ୟ ପ୍ରଭୁ ତୁମେ
କିଛି ତୁମ ସୃଷ୍ଟିରେ ବାଛିବାର ନାହିଁ
ସବୁ ଗୋଟାପଣେ ନିଖୁଣ।

x x x

ପ୍ରଭୁ, ଏତେ ସବୁ ରଙ୍ଗ ଦେଲାପରେ
ବାକି କିଛି ରହିଗଲା ଭାବି
ତୁମ ପତିତପାବନ ବାନାରୁ
ଝାଡ଼ି ଦେଲ କିଛି ଆଶୀର୍ବାଦ
ନାଲି ରଂଗ ନେଇ ସେ
ମିଶିଗଲା କୃଷ୍ଣଚୂଡ଼ା ଦେହେ
କି ଚମତ୍କାର ଦିଶୁଛି ସେ ରାସ୍ତା କଡ଼ରେ।
(କୃଷ୍ଣଚୂଡ଼ାର ରଂଗ)

ସୁବାସିନୀ,

ତୋ'ର 'ସେଦିନ ଆଉ ଏଦିନ' କବିତାଟି ମୋ' ମନ ମୋହିନେଲା।

ଗୋଟା ପଣେ ଥରିଗଲି ଭିତରେ ବାହାରେ
ଖନି ମାରିଗଲା ପାଟି
ତଣ୍ଟିର ସବୁ ଜଳ ବାଷ୍ପ ହୋଇଗଲା
କିଛି କହି ପାରିଲିନି
ବାନ୍ଧି ଦେଲି ପଣତ କାନିରେ ସାଉଁଟି ସାଉଁଟି।

ସୁବାସିନୀ, ଏଇଠିତ ପତ୍ନୀ ଜୀବନର ସାର୍ଥକତା। ତୁମ ଦିହିଁଙ୍କର ଯୁଗ୍ମଯୋଡ଼ି ଏମିତି ଟାଣ ହେଇ ବାନ୍ଧି ହେଇଥାଉ ସାତଜନମକୁ...।

ସଚ୍ଚି ରାଉତରାୟ ତାଙ୍କ ଗାଁକୁ ଭୁଲିନାହାନ୍ତି। ତାଙ୍କ ଭାଷାରେ —

ଛୋଟ ମୋ'ର ଗାଁଟି
ଭୂଗୋଳ ପୋଥି ପତରେ ପଛେ
ନଥାଉ ତା'ର ନାଁଟି

x x x

ଆଲୋକ ତା'ର କି ମନୋହର
ଅନ୍ଧକାର ତା'ଠାରୁ ଭଲ।

ଏମିତି...ତୁ। ତୋ'ର ବି ମନେ ପଡ଼ିଯାଇଛି ପିଛିଲା ଦିନର ଅଭୁଲା କଥା।

କୁଆଁର ପୂନେଇଁ, ରଜ ଦୋଳି ଗୀତ
ମୁଣ୍ଡରେ ଚନ୍ଦନ ଟୋପା
ପାଦରେ ସରୁ ଅଳତା
ବେଣୀରେ ରିବନ ଫିତା

x x x

ସବୁ ଆଜି ଦେଖୁଛି
ମୋ ବୟସ ସାତ କି ଆଠରେ
ଅଟକି ଯାଇଛି।

(ମୋ' ବୟସ ଅଟକି ଯାଇଛି)

ସୁବାସିନୀ, ତୋ' ଜୀବନର ଦର୍ଶନ ମତେ ବିସ୍ମୟ, ଚକିତ କରେ।

ଜଳୁଥିବା ଦୀପଟି ପବନ ସହିତ
ପ୍ରାଣମୂର୍ଚ୍ଛା ଯୁଦ୍ଧ କଲା ପରେ
ସଳିତାର ହୁଏ ପରାଜୟ
ଦୀପଟି ଲିଭିଯାଏ

ତା’ ଦୀର୍ଘଶ୍ୱାସର କୁଣ୍ଡଳୀ ଘୂରିବୁଲେ
ମଳା ସଳିତାକୁ ଧରି ଦୀପଟି ପଡ଼ିଥାଏ
ତାକୁ ଜଳାଇଥିବା ଲୋକ
ତା’ ପାଖରେ ନ ଥାଏ ।

(ଦୀପ)

ସୁବାସିନୀ,

ତୁ କେବେ ବି ନୈରାଶ୍ୟବାଦୀ ନୁହଁ । ଆଶାବାଦୀ ମଣିଷଟିଏ ତୁ । ଏମିତି ମଣିଷଟିକୁ ‘ସେ’ ସବୁବେଳେ ସାହାଯ୍ୟ କରନ୍ତି ।

ଅଧାବାଟରେ ଏତେ ସବୁ ସ୍ୱପ୍ନ
ଉଡ଼େଇ ନିଏ ଶିମିଳି ତୁଳାପରି
ଅକ୍ଷାଂଶ ଦ୍ରାଘିମାକୁ ଟପି
ଦିଗ୍‌ବଳୟ ଛୁଇଁପାରେ ନାହିଁ
ଆହୁରି କିଛି ବାଟ
ଚାଲିବାକୁ ଅଛି ବାକି ।

(ଅଧାବାଟ)

ତୁ ଏମିତି ଚାଲୁଥା – ଚାଲୁଥା – ନିର୍ଭୟ ହେଇ, ନିଡ଼ର ହେଇ ଚାଲୁଥା – ସେ ତୋ’ ବାଟରୁ କଣ୍ଟା, ଝଟା ଆଡ଼େଇ ଦେବେ – ଫୁଲଚନ୍ଦନ ବିଛେଇ ଦେବେ – ଏଇ ଭରସା ରଖ, ଏଇ ବିଶ୍ୱାସ ରଖ ।

ସୁବାସିନୀ, ତୁ ମତେ ଗୋଟେ ଅନୁରୋଧ କରିଥିଲୁ । ତୋ’ର ‘ଚାନ୍ଦଧୁଆ ଆକାଶ’ ପାଇଁ ମୁଖବଂଧଟିଏ ଲେଖିବାକୁ । କିନ୍ତୁ ମୁଁ ପାରିଲିନି କି ପାରିବିନି । ସେ କଥା ଯେ କାଠିକର ପାଠ । ମୁଁ କ’ଣ ସେଥିକି ଭାଜନ ? ମୁଖବଂଧ ଲେଖି ନପାରି ଚିଠିଟିଏ ଲେଖିଲି – ଆଶା, ବିଶ୍ୱାସ... ଘେନା କରିବୁ ।

ବୀଣା ଅପା

ଡଃ ବୀଣାପାଣି ମିଶ୍ର –

‘ବିଭୁକରୁଣା’
ମହାନଦୀବିହାର

– ଶ୍ରୀ ଜଗନ୍ନାଥ –

# ଚିଠିଟିଏ

**ସୁବାସିନୀ,**

‘ଚାନ୍ଦଧୁଆ ଆକାଶ’ର ପାଣ୍ଡୁଲିପିଟି ପାଇଲି। ‘ଝରାପତ୍ରର ଶିଳାଲିପି’ ବହିଟି ପଢ଼ି ଖୁବ୍ ଖୁସି ହେଉଥିଲି। ତତେ ମୁଁ କେବେଠୁ ଦେଖିଛି, ଜାଣିଛି। ଧୀର ୟାଙ୍କ ସାନଭାଇ, ଯାହା କହନ୍ତି ଏକା ନାହି ଦି’ଖଣ୍ଡ। ତା’ର ଭାଉଜ ଡାକରେ ସତେକି ମୋ’ ଆଗରେ ଉଭା ହେଇଯା’ନ୍ତି ଶାନ୍ତ, ସରଳ ଲକ୍ଷ୍ମଣଙ୍କ ପ୍ରତିଛବି। ସେଇ ହିସାବରେ ତୁ ମୋ’ ସାନ ଜା’। ଆମ ଲୋକ ସାହିତ୍ୟରେ ‘ଜା’ମାନେ ଯା’ ମୋ’ଠୁ ଦୂରେଇ ଯା’। କିନ୍ତୁ ମୁଁ ତତେ ସେମିତି ଜମା ଭାବିନି। ତୁଳସୀ ଦୁଇପତ୍ରରୁ ବାସିଲା ପରି ତୁ ମତେ ପ୍ରାରମ୍ଭରୁ ବାସିଥିଲୁ – ସତେକି ତୋ’ ଭିତରର ସ୍ୱଚ୍ଛତା, କୋମଳତା ମୋ’ ଆଗରେ ସ୍ପଷ୍ଟ ହେଇଯାଇଥିଲା – ତୁ ଏଡ଼େବଡ଼ କଲେଜରେ ଏତେ ନାମୀ,ଦାମୀ ବିଷୟରେ ଅଧ୍ୟାପିକା ଥାଇବି ତୋ’ର ଆପଣାର ପଣ ମତେ ଆପଣେଇ ନେଲା। ଦି’ ଜା’ ନୁହେଁ – ଆମେ ହେଇଗଲେ ସତେ କି ଏକା ରକତର ଦି’ ଭଉଣୀ।

ଏକା ରାହାରେ ମୁଁ ମୂଳରୁ ଚୂଳ ସବୁ ପଢ଼ିଦେଲି। ତା’ପରେ ଜାଣ ଖର ନିଃଶ୍ୱାସ ମୋ’ର ମୃଦୁ ହେଲା, ଭଲକି ଟିକେ ନିଃଶ୍ୱାସ ନେଲି। ଛେଚାପିଟା ପିଲାଟିଏ ତୁ ପିଲାଦିନୁ। ମୂଳରୁ ତୋ’ର ଈଶ୍ୱରଦତ୍ତ କବିପ୍ରାଣ। ପିଲାଟି ଦିନରୁ ତୋ’ଠି ଭରି ରହିଥିଲା ଆତ୍ମବିଶ୍ୱାସ, ମନେମନେ ଠାକୁରଙ୍କୁ ଜାବୁଡ଼ି ଧରିଥିଲୁ ତୁ। କେହି ଜାଣୁ ବା ନ ଜାଣୁ, ତୋ’ ଭିତିରି ନୟନରେ ତୁ ତାଙ୍କୁ ଦେଖିଥିଲୁ। ଦେଖି ଦେଖି ବିଭୋର ହେଉଥିଲୁ। ସେଇ ବିଭୋରତା ସଂଚି ରଖିଥିଲୁ ମନ ଭିତରେ, ହୃଦୟ ଭିତରେ। ଦିନେ ଦେଖିଲାବେଳକୁ ସେ ମୁଣାଟା ଫାଟିଗଲା। ତା’ ଭିତରୁ

## ମୋ କଥା

ପେସାରେ ମୁଁ ବୈଜ୍ଞାନିକା, କିନ୍ତୁ ନିଶାରେ ମୁଁ ସାହିତ୍ୟିକା। ବିଜ୍ଞାନ ମଧ୍ୟ ଗୋଟିଏ ସାହିତ୍ୟ। ତେଣୁ ବିଜ୍ଞାନ ଓ ସାହିତ୍ୟ ଅଙ୍ଗାଙ୍ଗୀଭାବେ ଜଡ଼ିତ। ବିଜ୍ଞାନାଗାରରେ ଗବେଷଣା କରୁଥିବା ସମୟରେ ହେଉ ବା ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଥିବା ସମୟରେ ହେଉ, ସବୁଠି ସାହିତ୍ୟର ବାସନା ମୁଁ ଉପଲବ୍ଧି କରିଛି। ତେଣୁ ଲେଖନୀରୁ କିଛି ଗଳ୍ପ, କିଛି କବିତା ବା କିଛି ପ୍ରବନ୍ଧ ସୃଷ୍ଟି କରିବାର ପ୍ରବୃତ୍ତି ମୋର ଜନ୍ମ ନେଇଥିଲା ଅଧ୍ୟାପନା ସମୟରୁ। ଜୀବନ ହେଉଛି କବିତାମୟ। କବିତାରେ ଅଛି ପ୍ରାଣ, ଭଲ ପାଇବା, ଶ୍ରଦ୍ଧା, ଆକୁଳତା, ଆହୁରି ଅନେକ କିଛି। ପ୍ରକୃତିର ଅପରୂପ ମାଧୁର୍ଯ୍ୟ ଦେଖିଲାକ୍ଷଣି ମୋ ମନଟି ଗୁଣୁଗୁଣେଇ ହେଉଥିଲା। ପଡ଼ିଉଠି ଶିଶୁଟି ଚାଲିଲା ଭଳି ଦୁଇ ଚାରିଧାଡ଼ି କବିତା ଲେଖିବା ଆରମ୍ଭ କଲି। କ୍ରମଶଃ କବିତାର କଳେବର ବୃଦ୍ଧି ଘଟିଲା। ପତ୍ର ପତ୍ରିକାରେ ପ୍ରକାଶ କରି ଅଜସ୍ର ପ୍ରେରଣା ପାଇଲି। ସେହିଭଳି ଆଜିର ସାମାଜିକ ଘଟଣା, ଦୁର୍ଘଟଣା ଦେଖିଲାପରେ, ଶୁଣିଲା ପରେ ମନ ବ୍ୟାକୁଳ ହୋଇ ପଡ଼ିଲା। ସମାଜର ଛବି ମୋ ଗଳ୍ପ ସଂକଳନ 'ପୂର୍ଣ୍ଣାହୁତି'ରେ ପ୍ରତିଫଳିତ ହେଲା। ତାହା ମଧ୍ୟ ପାଠକୀୟ ସ୍ୱୀକୃତି ଲାଭ କଲା। ପୃଥିବୀର ଦର୍ଶନୀୟ ସ୍ଥାନଗୁଡ଼ିକ ମୋତେ ଆକର୍ଷିତ କଲା। ଆଶାତୀତ ସ୍ଥାନ ଦେଖିବାର ସୌଭାଗ୍ୟ ଅର୍ଜନ କଲି। ଦେଶ ବିଦେଶରେ ମୋର ସୀମିତ ଜ୍ଞାନକୁ ବିତରଣ କଲି। ଅନେକ ଦେବଦେବୀଙ୍କୁ ଦର୍ଶନ କରି ସେମାନଙ୍କ ଆଶୀର୍ବାଦ ଲାଭକଲି। ଏସବୁକୁ

ନେଇ ସୃଷ୍ଟି କଲି ଭ୍ରମଣ କାହାଣୀ 'ମାଟିରୁ ଆକାଶ' । ଅନେକ ବୈଜ୍ଞାନିକ ତତ୍ତ୍ୱମାନ ଜାଣିଲା ପରେ ବୈଜ୍ଞାନିକ ପ୍ରବନ୍ଧ ଲେଖିଲି। ସେସବୁକୁ ସ୍ଥାନିତ କଲି ମୋ ପୁସ୍ତକ 'ବିଜ୍ଞାନ ଓ ବିଜ୍ଞାନୀ'ରେ। 'ପଥ ଅସରନ୍ତି' ମୋ ଆତ୍ମଜୀବନୀର ଏକ ପ୍ରତିଛବି। ମୋ ସାରସ୍ୱତ ଅଧ୍ୟାୟ ଆରମ୍ଭ ହୋଇଥିଲା କବିତା ପୁସ୍ତକ 'ଝରାପତ୍ରର ଶିଳାଲିପି'ରୁ। ସାହିତ୍ୟର ବିଭିନ୍ନ ବିଭାଗକୁ ଛୁଇଁ ସାରିଲାପରେ ଏବେ ପ୍ରକାଶ କରୁଛି ଦ୍ୱିତୀୟ କବିତା ସଂକଳନ 'ଚାନ୍ଦଧୁଆ ଆକାଶ'। ଜୀବନ କେବଳ ଶୁଖିଲା ପତ୍ରର ମର୍ମର ନୁହଁ, ମୋହ ମାୟାରେ ଛନ୍ଦାଛନ୍ଦି ନୁହଁ, କଳଙ୍କର ଟିକା ନୁହଁ କି ମହଣମହଣ ବେଦନାର ବୋଝ ନୁହଁ; ଜୀବନରେ ଅଛି ଅସରନ୍ତି ସ୍ୱପ୍ନ, ଫଗୁଣର ମନଖୋଲା ହସ, ଝରଣାର ଆବେଗ, ଇନ୍ଦ୍ରଧନୁର ସାତ ରଂଗ ଇତ୍ୟାଦି ଇତ୍ୟାଦି। ଏସବୁକୁ ସାଉଁଟି ପାରିଲେ ଜୀବନଟି ହୋଇଯିବ ଚାନ୍ଦଧୁଆ ବିସ୍ତୀର୍ଣ୍ଣ ଆକାଶ।

ପାଠକମାନଙ୍କୁ ଅନୁରୋଧ, କବିତାଗୁଡ଼ିକ ପଢ଼ିବେ ଏବଂ ନିଜର ମତାମତ ଦେଇ ମୋତେ ଉତ୍ସାହିତ କରିବେ।

**ରଥଯାତ୍ରା, ୨୦୧୩** ସ୍ୱର୍ଣ୍ଣବାସିନୀ ଲେଙ୍କା

## କ'ଣ କେଉଁଠି


| | |
|---|---|
| ଚାନ୍ଦଧୁଆ ଆକାଶ | ୧୫ |
| ଖାଲି ହାତେ ଯାଉଛି ମୁଁ | ୧୭ |
| ଦୁଇଟୋପା ବର୍ଷା | ୧୯ |
| ତାଳପତ୍ର ଉପରେ ଦୁଇଧାଡ଼ି | ୨୧ |
| ମୋ ବୟସ ଅଟକି ଯାଇଛି | ୨୩ |
| ଭିନ୍ନତା | ୨୫ |
| ସେ ଦିନ ଆଉ ଏ ଦିନ | ୨୭ |
| କୃଷ୍ଣଚୂଡ଼ାର ରଙ୍ଗ | ୩୧ |
| ଦୀପ | ୩୩ |
| ଅଲେଖା କାଗଜ | ୩୫ |
| ବହିଥାକ | ୩୭ |
| ଜରା ନିବାସ | ୩୮ |
| ଆଶିଷ | ୪୧ |
| ମାନବସ୍ପର୍ଶୀ ଜଗନ୍ନାଥ | ୪୩ |
| ଚୁଲ୍‌ବୁଲି କବିତା | ୪୬ |
| ତୁମସହ ଦେଖା | ୪୯ |
| କୁଆଡ଼େ ଗଲା ସେ ଦିନ | ୫୧ |
| ଧାରେ ଲୁହ | ୫୪ |
| ରେଲଓ୍ୱେ ଷ୍ଟେସନ | ୫୬ |
| କେତୋଟି ଶବ୍ଦ | ୫୮ |
| ଡାକବଙ୍ଗଳା | ୬୦ |

| | |
|---|---|
| ଅଧାବାଟ | ୬୩ |
| ଝଙ୍କାର ଏକ ସନ୍ଧ୍ୟାର | ୬୫ |
| ପାରିଜାତର ମର୍ମର | ୬୭ |
| ଭୋର ବର୍ଷା | ୬୯ |
| କ୍ରସ୍ ରୋଡ଼ | ୭୨ |
| ଅନାମିକାର ଫଗୁଖେଳ | ୭୪ |
| ରାତ୍ରି | ୭୬ |
| ମୁକ୍ତା | ୭୯ |
| ବାହାଘର | ୮୧ |
| ରଥାରୂଢ଼ ଜଗନ୍ନାଥ | ୮୩ |
| ଯାତ୍ରା ଶେଷ ତିଥିର | ୮୬ |
| ସଭା ବସିଛି | ୮୯ |
| ନିସ୍ତବ୍ଧତାର ଅନ୍ତଃସ୍ୱର | ୯୧ |
| ସମୟ ଡାକୁଛି | ୯୩ |
| ଖୋଜିଲା ଜୀବନ | ୯୫ |
| ଝୁରୁଛି ସେ ମିଟୁକୁ | ୯୭ |
| ଶୀତ ଲହରୀ | ୯୯ |
| ଆଜିର ସକାଳ | ୧୦୧ |
| ଶୁଭ ଆଗମନୀ | ୧୦୩ |
| ଖୋଲା ଫାଟକ | ୧୦୫ |
| ମୌସୁମୀ ଆସିଛି | ୧୦୭ |


◆◆◆

## ଚାନ୍ଦଧୁଆ ଆକାଶ

ଜୀବନଟା ନୁହଁ ଖାଲି ଶ୍ରାବଣର ଧାରା
ବିଦୀର୍ଣ୍ଣ ବସନ୍ତ ପୁଣି ଶିରୀହୀନ ବିମର୍ଷ
ନିସ୍ତବ୍ଧ ମରୁରେ କଣ୍ଟକିତ ଶେଯ
ଲହୁ ଲୁହାଣର ରଣ କ୍ଷେତ୍ର
ଶୁଖିଲା ନଈର ବଙ୍କା ତେଢ଼ା ଚିତ୍ର ।

ମହଣ ମହଣ ବେଦନାର ବୋଝ
ଲିଭିଲିଭି ଆସୁଥିବା ଦୀପ
ବିରହର ମରୁବାଲି, କୁହୁଡ଼ିର ଘେର
ମାୟାର ଦର୍ପଣରେ ଅସଂଖ୍ୟ ପ୍ରତିବିମ୍ବ ।

କଳଙ୍କର ଟିକା, ରାସ୍ତା କଡ଼ର ଡଷ୍ଟବିନ୍
କେବେ ପାନ୍ଥଶାଳା
ପୋଖରୀ ତୁଠର ପଥର
ଦୁଃଖ ଦୁର୍ଦ୍ଦିନରେ ଝାଉଁଳା ସେ
ଶୁଖିଲା ପତ୍ରର ମର୍ମର ।

ଜୀବନ ତ ପୁଣି ଅସରନ୍ତି ସ୍ୱପ୍ନର ଦୁନିଆ
ସୂର୍ଯ୍ୟାସ୍ତର ମୃଦୁ ଶୀତଳତା
ଫଗୁଣର ମନଖୋଲା ହସ

ଝରଣାର ଆବେଗ ସେ
ମହୁଲ ଫୁଲର ନିଶା
ଗଙ୍ଗ ଶିଉଳିର ବାସ୍ନା
ମଲ୍ଲୀ ଫୁଲର ବାସ
ଇନ୍ଦ୍ରଧନୁର ସାତ ରଙ୍ଗ
ପୁଣି ଚାନ୍ଦଧୁଆ ବିସ୍ତୀର୍ଣ୍ଣ ଆକାଶ।

❖❖❖

# ଖାଲି ହାତେ ଯାଉଛି ମୁଁ

ଖାଲି ହାତେ ଯାଉଛି ମୁଁ
ତୁମ ଦରଶନ ପାଇଁ
ବାଇଶି ପାହାଚ ଚଢ଼ିବାକୁ
ମୋ ପାଦରେ ବଳ ନାହିଁ
ଗୀତ ପଦେ ଗାଇବାକୁ
ସ୍ୱର ଦେଲ ନାହିଁ
କି ଜଣାଣ ଗାଇବି ମୁଁ
ଆକୁଳ ମିନତି ପାଇଁ।
ତଥାପି...
ତଥାପି ଚାଲିଛି ମୁଁ ବଡ଼ଦାଣ୍ଡେ
ତୁମ ନୀଳଚକ୍ର
ତୁମ ପତିତପାବନ ବାନା ଚାହିଁ ଚାହିଁ।

ଫରଫର ଉଡ଼େ ବାନା
ସଂଗୀତର ସୁରେ ସୁରେ
ଛୁଟି ଆସେ ମୂର୍ଚ୍ଛନା
ଗୁଣୁ ଗୁଣେଇ ହୁଏ ମନ
ଗାଇଯାଏ କେତେ ଗୀତ
କେତେ ଯେ ପ୍ରାର୍ଥନା
ତୁମକୁ କି ଅଜଣା।

ନୀଳଚକ୍ର ଶୋଭାପାଏ
ତୁମ ମନ୍ଦିର ଚୂଡ଼ାରେ
ଭୀମ ବଳ ବାଣ୍ଟି ଦିଏ
ତୁମ ଦୁଃସ୍ଥ ଭକତଙ୍କୁ
ଗିରି ଶୃଙ୍ଗ ଲଙ୍ଘିଯାଏ
ସବୁ ଶକ୍ତି ମିଳିଯାଏ
ଗୋଟିକ ପରେ ଗୋଟିଏ
ପାହାଚ ଚଢ଼ିଚଢ଼ି
ପହଞ୍ଚି ଯାଏ ତୁମ ପାଖରେ।

ହାତେ ମୋର କିଛି ନାହିଁ
ଚିନ୍ତା କରିବି କାହିଁକି
ଭାଗ୍ୟଫଳ ମୋ ହାତରେ ଅଛି
ଅଜାଡ଼ି ଦେବି ପ୍ରଭୁ
ତୁମ ଶ୍ରୀଚରଣ ତଳେ
ସଜାଡ଼ି ଦେବ ମୋ ଭାଗ୍ୟକୁ
ଭାବିଭାବି ବଡ଼ ଦାଣ୍ଡେ ଚାଲିଛି
ମୁଁ ଆଗକୁ ଆଗକୁ।

❖❖❖

## ଦୁଇଟୋପା ବର୍ଷା

ବର୍ଷାରେ ଜୁଡୁବୁଡୁ ହେବାପରେ
ପୁଣି ଖୋଜୁଛି ବର୍ଷାକୁ
ଶରଧାର ଚଉହଦି ଭିତରେ
ଦୁଇଟୋପା ବର୍ଷିଗଲେ
ଭିଜନ୍ତା ମୋ ଅଷ୍ଟାଙ୍ଗ ଶରୀର
ନିଗିଡ଼ି ଯାଆନ୍ତା ଯେତେସବୁ
ନୀରବରେ ଶୋଇଥିବା ଦୁଃଖ ଆଉ କ୍ଳେଶ।

ଡେଇଁ ଡେଇଁ ବୁଲନ୍ତି ମୁଁ
ସମୁଦ୍ରର ବାଲୁକା ବେଳାରେ
ଜାକିଜୁକି ଶୋଇ ଯା'ନ୍ତି
ସାତତାଳ ପାଣି ତଳେ
ଶାମୁକା ଗର୍ଭରେ।

ଆକାଶରେ ଉଡ଼ିଉଡ଼ି
ପହଞ୍ଚନ୍ତି ଚନ୍ଦ୍ରମା ପାଖରେ
ଝରି ପଡ଼ନ୍ତା ଶୀତଳ ଜ୍ୟୋସ୍ନା
ମୁଣ୍ଡରୁ ଗୋଡ଼ ଯାଏ

କାକର ପାଲଟି ଯା'ନ୍ତା ମୋ ଦେହ
ଗୋଟେଇ ପକାନ୍ତି ମୁଠାମୁଠା ଖୁସି
ରୁପାର ଚଦର ଉପରେ।

ଫେରି ଆସନ୍ତି ପୁଣି
ମୁଗ୍ଧ ପ୍ରଜାପତି ହୋଇ
ଫୁଲ ସହରକୁ
ପାଇଯାନ୍ତି ଶରଧାରେ ନିମନ୍ତ୍ରଣ ପତ୍ର
ପହଞ୍ଚନ୍ତି ସବୁରି ଦୁଆରେ
ଯେତେସବୁ ମିଠାମିଠା ସ୍ୱପ୍ନ
ବଣ୍ଟାବଣ୍ଟି ହେଲା ପରେ
କେତେ ପୁଣି ମଧୁ ଆଲିଙ୍ଗନ
ଅନ୍ତର ଭିତରେ ପୁଣି
ପାଇଯାନ୍ତି ସ୍ଥାନ।

ଏଇ ଦୁଇଟୋପା ପାଇଁ
କେତେ ବିନମ୍ର ପ୍ରାର୍ଥନା
ନିର୍ଦ୍ଦୟ ହେବନି ତୁମେ
କରିବନି ଶରଧାରୁ ଊଣା।

❖❖❖

## ତାଳପତ୍ର ଉପରେ ଦୁଇଧାଡ଼ି

ଶାନ୍ତ ସମୁଦ୍ର
ଗର୍ଜିଗର୍ଜି ଥକି ପଡ଼ିଛି
ହାଲିଆ, ଏକଦମ୍ ହାଲିଆ
ବାଲୁକା ଶେଯରେ ମୁହଁ ଗୁଞ୍ଜି
ଥରିଲା ଥରିଲା ନିଃଶ୍ୱାସ ଛାଡୁଛି ।
ଛାତିରେ ତା'ର ଅଜାଡ଼ି ପଡୁଛି
ମୁଠାମୁଠା ମଲ୍ଲୀ କିଛି ହେନା

ସମସ୍ତେ ଚାଲିଗଲେଣି
ଖାଲି ବସିଛନ୍ତି ସେ ଦୁଇଜଣ
ସାମନାକୁ ଚାହିଁ ଚାହିଁ
ଆଖି ତ ଫାଟି ପଡୁନି ।
କହିବା କହିବା ଭିତରେ ଅନେକ କଥା
ଉଙ୍କି ମାରୁଛି ଉଦୟ ସୂର୍ଯ୍ୟ ଭଳି
ଚାରିପଟ ଶୂନ୍‌ଶାନ୍
ତଥାପି ପାଟିଟା ଖୋଲୁନି ।

କେମିତି କହିହେବ ଏତେ ବଡ଼ କଥା
ଅନେକ ଦିନ ଧରି ଯାହା ରହିଛି ସାଇତା
ଓଠଟା ଥରି ଉଠୁଛି

ଥିରିଥିରି ପବନରେ ବରଡ଼ା ପତ୍ର ଭଳି,
ପଦ୍ମପତ୍ରରେ ଅସ୍ଥିର ଜଳବିନ୍ଦୁ
ସାଜିଛି ତା ଗଳା
କହିବ, ଆଜି କହିବ
କହି ସାରିଲା ପରେ
ଥମିଯିବ ଏ ସମୁଦ୍ର ଭଳି।

ବାଦଲ ଅପସରି ଯିବ
ଆକାଶଟା ଖୁବ୍ ପରିଷ୍କାର ଦିଶିବ
ବେଶୀ କିଛି ନାହିଁ କହିବାର
ମାତ୍ର କେତୋଟି ଶବ୍ଦ
ସାଇତି ରଖିଛି ତା ସିନ୍ଦୁକ ଭିତରେ।

ଖୋଲି ପାରୁନି ସେ ଚାବି
ଅନେକ ଚେଷ୍ଟା ପରେ
ଖୋଲିବ, ଖୋଲିବ ନିଶ୍ଚୟ ଖୋଲିବ
ଦେଖାଇବ ଶୁଖିଲା ତାଳ ପତ୍ର ଉପରେ
ଦୁଇଧାଡ଼ି ହାତ ଲେଖା
ପଢ଼ି ପାରିବ ତ? ପଢ଼ ତେବେ
''ଏ ଜନ୍ମରେ ତୁମକୁ ନ ପାଇଲା ପରେ
ଖାଲି ଚାହୁଁଛି ତୁମର ସେ
ନାଲି ଟହଟହ
ଦୁଇ ପଟ ଶଙ୍ଖାକୁ ମୋ ଜୁଇରେ।''

❖❖❖

## ମୋ ବୟସ ଅଟକି ଯାଇଛି

ଆମ ଗାଁ ଧୂସରିଆ ଅଙ୍କାବଙ୍କା ରାସ୍ତା
ଶିଝୁବାଡ଼, କିଆବୁଦା
ଧୁଧୁ ଖରାରେ କଣ୍ଟେଇ ବୁଦା ମୂଳେ
ଝିଙ୍କାରିର ଝିଂଝିଂ ଶବ୍ଦ
ଆମ୍ବ ପତ୍ର ଗହଳରେ କୋଇଲିର ଗୀତ
କଙ୍କି ଓ ପ୍ରଜାପତି ଧରିବାର ଦୃଶ୍ୟ
ସାଧବ ବୋହୂର ଥିରିଥିରି ଚାଲି
ସବୁ ମନେପଡ଼େ ଆଜି ।

ଆମ ଗାଁ ପାଖେପାଖେ ଛୋଟିଆ ନଈରେ
ନାଉରିଆ ଗୀତ ଗାଇ ମାଛ ଧରେ
ସ୍ଥିର ଜଳ ଧାରେଧାରେ
ମାଛରଙ୍କା ଧାଡ଼ିବାନ୍ଧି
ବସିଥାନ୍ତି ଶିକାର ଆଶାରେ
ଭୁଲି ନାହିଁ ସତୁରୀ ବର୍ଷରେ
ସବୁ କଥା ଅଛି ମୋ ମନରେ ।

କୁଆଁର ପୂନେଇଁ, ରଜ ଦୋଳି ଗୀତ
ମୁଣ୍ଡରେ ଚନ୍ଦନ ଟୋପା
ପାଦରେ ସରୁ ଅଳତା

ବେଣୀରେ ରିବନ ଫିତା
ପୁଚି ଖେଳ, ଲୁଚକାଳି ଖେଳ
ଗାଁ ଦାଣ୍ଡ ଖରକା
ମନେପଡ଼େ ଆଜି ସେଦିନର କଥା ।

ଜେଜେ ମା'ର ଅସୁରୁଣୀ, ରଜାପୁଅ ଗପ
ଝିପିଝିପି ବର୍ଷା
ଖଦ୍ୟୋତର ମିଞ୍ଜିମିଞ୍ଜି ଆଲୁଅ
ନିଶାର୍ଦ୍ଧରେ ସ୍ୱାନ ଶବ୍ଦ
ଅନ୍ଧାରରେ ଗାଁ ଦାଣ୍ଡ ବନ୍ଦୀ
ସବୁ ମନେପଡ଼େ ଆଜି ।

ଗାଁ ମୁଣ୍ଡେ ଠାକୁରାଣୀ ପରମବୈଷ୍ଣବୀ
ବରଗଛ ମୂଳେ ପୂଜା
କାହିଁ କେତେ ଦିନୁ
ଅଗିରା ପୂନେଇଁ, ପଣା ସଂକ୍ରାନ୍ତି
କାଳିସୀ ଲଗା ପର୍ବରେ ମା'ପୀଠ କମ୍ପୁଛି
ସବୁ ଆଜି ଦେଖୁଛି
ମୋ ବୟସ ସାତ କି ଆଠରେ
ଅଟକି ଯାଇଛି ।

❖❖❖

# ଭିନ୍ନତା

ତୁମେ ତ ଦେଲ ପ୍ରଭୁ
ଦୁଇ ହାତ, ଦୁଇ ଗୋଡ଼, ଦୁଇ ଚକ୍ଷୁ
ଏମିତି କେତେ କ'ଣ
ତୁମ ସୃଷ୍ଟିରେ ସବୁ ମଣିଷକୁ ।

କେତେ ଶକ୍ତି ଦେଲ
ଲୁହାର ଜଞ୍ଜିର ଭଳି
ଦେହ ଓ ମନକୁ
ଲଙ୍ଘି ପାରିଲା ସେ ମହାସିନ୍ଧୁ
ହିମାଳୟ ଉପରେ ପତାକା ଉଡ଼ାଇ
ଉଡ଼ିଗଲା ଅନ୍ତରୀକ୍ଷ ଡେଇଁ
ମହାଶୂନ୍ୟରେ କେତେ କେତେ ଗ୍ରହକୁ ।
ବିଜ୍ଞାନର ବାର୍ତ୍ତା ଦେଲା
ସେ ଗ୍ରହର ପାଣି ଓ ମାଟିକୁ
ବିଜୟର ପତାକା ଉଡ଼ାଇ
ପୁଣି ଫେରି ଆସିଲା ସେ ତୋ'ରି କୋଳକୁ ।

ଏଇ ହାତେ ଭୀମ ବଳ ଦେଲ
ମୁଣ୍ଡରେ ସୂକ୍ଷ୍ମ ବୁଦ୍ଧି

ଗଢ଼ିଗଲା କୋଣାର୍କ ତାଜମହଲ
କେତେ ଅମର କୀର୍ତ୍ତି
ଏ ଦୁନିଆ ଧରିଛି ତା' ଅଭୁଲା ସ୍ମୃତି।
କାହିଁ, ଏଥିରେ ନଥିଲା ତୁମର ବାଛବିଚାର
ଧଳା କଳା, ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସଲମାନ
ତୁମ ଦୁଆରେ ପାଦ ଦେବା ପାଇଁ
ଏତେ ଭିନ୍ନତା
ଏ କ'ଣ ତୁମ ସୃଷ୍ଟିର ନିୟମ।

❖❖❖

## ସେ ଦିନ ଆଉ ଏ ଦିନ

ଯେଉଁଦିନ ଦେଖା ହେଲା
ଛାଇ ଛାଇ ଆଲୁଅରେ
ଏକ ନିରୋଳା ମୁହୂର୍ତ୍ତରେ
ତୁମେ ଆଉ ମୁଁ ଥିଲେ
ସ୍ୱପ୍ନଭିଜା ସମୟର କଅଁଳିଆ କୋଳରେ।

ଗୋଟା ପଣେ ଥରିଗଲି ଭିତରେ ବାହାରେ
ଝନି ମାରିଗଲା ପାଟି
ତଣ୍ଟିର ସବୁ ଜଳ ବାଷ୍ପ ହୋଇଗଲା
କିଛି କହି ପାରିଲିନି
ବାନ୍ଧି ଦେଲି ପଣତ କାନିରେ ସାଉଁଟି ସାଉଁଟି।

ତୁମେ ଖାଲି ଚାହୁଁଥିଲ
ଗୋଡ଼ରୁ ମୁହଁ ଯାଏ
ଗୋଟାପଣେ ଗିଳି ଦେବ
ସେମିତି ମନେ ହେଉଥାଏ
ମୁଁ ଥିଲି ନୀରବ
ବାଙ୍କ ଚାହାଣିରେ ଯାହା ସବୁ ଦେଖୁଥାଏ
ସେ ସବୁ ସରଗର ଦରବ।

ଧୋତି ପଞ୍ଜାବୀ ତୁମକୁ ବେଶ୍ ମାନୁଥିଲା
ଦେହରେ ମୋର ଉତ୍ତେଜନା
ଥଳକୂଳ ମାନୁ ନଥିଲା
ଜାକିଜୁକି ରଖିଦେଇ ସବୁକୁ
ଛଳନାରେ ବୁଡ଼ିଥିଲି
ଟିକିଏ ସ୍ପର୍ଶରେ ତୁମର ମୁଁ ହୋଇଗଲି ।

ଆରମ୍ଭ ହେଲା ନୂଆ ଏକ ଜୀବନ
ଆକାଶ ହେଲା ଆମ ପାଖ
ବିଶ୍ୱ ଆମ ଟିପରେ
କେମିତି କଟିଲା ସେ ମିଠାମିଠା ଦିନ
ଗୋଲାପର ମହକିତ ବାସ୍ନାରେ

ତୁମବିନା ଗୋଟିଏ ମୁହୂର୍ତ୍ତ
ଯୁଗଭଳି ଲାଗୁଥିଲା
ତୁମେ ଥିଲ ମୋର ବଳୟ
ତା' ଭିତରେ ଦେଖୁଥିଲି
ନିଜକୁ ମୁଁ କେତେ ସୁରକ୍ଷିତ
ମଞ୍ଜି ଭିତରେ ଗଜାଭଳି
ତୁମେ ଥିଲ ମୋର ରକ୍ଷା କବଚ ।

ଆଜି ମନେପଡ଼େ ସେଦିନ
ଖୋଜି ହୁଏ ମହାନଦୀ ଧାରେ
ଖୋଲା ଆକାଶ ତଳେ ସବୁଜ ଗାଲିଚାରେ
ରିଙ୍ଗ୍‌ରୋଡ୍‌ର ଫୁଟ୍‌ପାଥରେ

ଝୁମ୍‌ଝୁମ୍ ବର୍ଷା ଭିତରେ
ବେଳେବେଳେ ଦ୍ୱିପ୍ରହରର
ଥକାମରା ନିର୍ଜନତା କୋଳରେ ।

ହଜେଇଛି ସେ ଦିନକୁ
ସାତତାଳ ପାଣିତଳେ
କେଉଁ ଏକ ଅଜଣା ନଈରେ
ଅଣ୍ଡାଳି ଅଣ୍ଡାଳି ଖୋଜୁଛି ମୁଁ
ତାକୁ ଆଜି ପୋଖରୀ ଗର୍ଭରେ ।

❖❖❖

## କୃଷ୍ଣଚୂଡ଼ାର ରଙ୍ଗ

ହେ ଶିଳ୍ପୀ !
ତୁମ ଶିଳ୍ପ ଚାତୁରିର ପଟ୍ଟାନ୍ତର ନାହିଁ
ଏତେ ବଡ଼ ସୃଷ୍ଟିକୁ ସର୍ଜନା କଲ
ଛୋଟ ବଡ଼ କେତେ ସୃଷ୍ଟି ଭିଆଇଲ
କା' ଦେହରେ ଚାରୁ କଳା
କା' ଦେହରେ ରଙ୍ଗ ମେଳା
ଖଞ୍ଜିଦେଲ ଯାହାକୁ ଯେମିତି
ତୁମକୁ କରୁଛି ପ୍ରଣତି ।

ଏଇତ,
ଏତେ ଝାଞ୍ଜି ଖରାରେ ମୁଁ ଦେଖୁଛି
କୃଷ୍ଣଚୂଡ଼ାର ରଙ୍ଗ
ଶୁଣୁଛି ତା' ମନ ଖୋଲା ହସ ରାସ୍ତା କଡ଼ରେ
ପତ୍ରସବୁ ମୁହଁ ଲୁଚେଇଛନ୍ତି ଲାଜରେ
ସେ ଏକା, କେବଳ ଏକା ତା' ସାମ୍ରାଜ୍ୟରେ ।
କାହାଠାରୁ କ'ଣ ଆଣି କେଉଁଠି ରଖିବାର
କଳାରେ ତୁମେ ନିପୁଣ
ଧନ୍ୟ ପ୍ରଭୁ ତୁମେ
କିଛି ତୁମ ସୃଷ୍ଟିରେ ବାଛିବାର ନାହିଁ
ସବୁ ଗୋଟାପଣେ ନିଖୁଣ ।

ନାଲି ସୂରୁଜ ଉଇଁ ଆସେ ପୂରୁବ ଗଗନେ
ସବୁ ନାଲି ବୋଳିଦିଏ କୃଷ୍ଣଚୂଡ଼ା ଅଙ୍ଗେ
ସୂରୁଜଠୁଁ ବଳିଯାଏ ତା' ରଙ୍ଗ
ନାଲି ଲହରୀ ଭେଦିଯାଏ ତା' ସର୍ବାଙ୍ଗ
ତା' ହସ ଶୁଭୁଥାଏ ଗଗନ ପବନ
ପୁଲକି ଉଠେ ବାଟୋଇର ମନ।

ବର୍ଷାତ ଆସିନି
ସାଧବ ବୋହୂ ରହିଛନ୍ତି କେଉଁଠି
ସବୁ ରଙ୍ଗକୁ ତା'ର ଲୁଚେଇ ଆଣି
ତୁମେ ଆଙ୍କି ଦେଇଛ ଭଳି ଭଳି ଚିତ୍ର
କୃଷ୍ଣଚୂଡ଼ା ଶାଢ଼ିରେ
ସେ ଶାଢ଼ି ପିନ୍ଧି କୃଷ୍ଣଚୂଡ଼ା ଆଜି
ସାଜିଛି ନବବଧୂ ବେଶ
ଓଢ଼ଣା ଭିତରୁ ଶୁଭୁଛି
ତା'ର ଫିକ୍‌ଫିକ୍ ହସ।

ବେଳେବେଳେ କାଳ ବୈଶାଖୀର
ଝଡ଼ ପରେ ବର୍ଷିଯାଉଛି ଅସରାଏ ବର୍ଷା
ଆକାଶରେ ଇନ୍ଦ୍ରଧନୁ ଚାହୁଁଛି କୃଷ୍ଣଚୂଡ଼ାକୁ
ନାଲି ରଙ୍ଗ ତା'ର ନିଗିଡ଼ି ପଡୁଛି
କୃଷ୍ଣଚୂଡ଼ା ଦେହକୁ
ପ୍ରଭୁ, ଏତେ ସବୁ ରଙ୍ଗ ଦେଲାପରେ
ବାକି କିଛି ରହିଗଲା ଭାବି
ତୁମ ପତିତପାବନ ବାନାରୁ
ଝାଡ଼ି ଦେଲ କିଛି ଆଶୀର୍ବାଦ
ନାଲି ରଂଗ ନେଇ ସେ
ମିଶିଗଲା କୃଷ୍ଣଚୂଡ଼ା ଦେହେ
କି ଚମତ୍କାର ଦିଶୁଛି ସେ ରାସ୍ତା କଡ଼ରେ।

❖❖❖

## ଦୀପ

ବିଚିତ୍ର ଜୀବନ ନେଇ ସୃଷ୍ଟି ତା'ର
ପବିତ୍ରତା ବାଣ୍ଟେ ସେ ଅହଃନିଶ
ଶୋଭାପାଏ ଜଳିଲା ସଳିତା ତା' ଗର୍ଭରେ
ମନଟା ପୂରିଯାଏ ଦିଅଁ ପୂଜାରେ
ଦୀପଟିଏ ଲଗାଇଲା ପରେ।
ଆଶୀର୍ବାଦ, କରୁଣାର ପୁଷ୍ପଗୁଚ୍ଛ ଟାଣି ଆଣି
ଅଜାଡ଼ି ଦିଏ ଭକ୍ତ ଆଞ୍ଜୁଳିରେ।

ଦୁନିଆକୁ ବାଣ୍ଟେ ସେ ଆଲୋକ
ନ ଥାଏ ତା'ର ଗର୍ବ ଅହଙ୍କାର
ଜଳି ଜଳି ଲିଭିଯାଏ
ସବୁ କଷ୍ଟକୁ ଆପଣେଇ ନିଏ
ମେଞ୍ଚାଏ କାଳିମାକୁ ଛାତିରେ ଜାକିଦେଇ
ନିରିମାଖିଟିଏ ହୋଇ ପଡ଼ିରହେ।

ଜଳୁଥିବା ଦୀପଟି ପବନ ସହିତ
ପ୍ରାଣମୂର୍ଚ୍ଛା ଯୁଦ୍ଧ କଲା ପରେ
ସଳିତାର ହୁଏ ପରାଜୟ

ଦୀପଟି ଲିଭିଯାଏ
ତା' ଦୀର୍ଘଶ୍ୱାସର କୁଣ୍ଡଳୀ ଘୂରିବୁଲେ
ମଳା ସଳିତାକୁ ଧରି ଦୀପଟି ପଡ଼ିଥାଏ
ତାକୁ ଜଳାଇଥିବା ଲୋକ
ତା' ପାଖରେ ନ ଥାଏ ।

❖❖❖

## ଅଲେଖା କାଗଜ

ଅଲେଖା କାଗଜ ଉପରେ ଆଖି ପଡ଼ିଗଲେ
ଲେଖି ହୋଇଯାଏ
ହିମାଳୟଠାରୁ କନ୍ୟାକୁମାରୀ ଯାଏ
କେତେ ସ୍ମୃତି କେତେ ବ୍ୟଥା
କାଲି ଓ ଆଜିର କଥା ।

ସାଧବ ବୋହୂର ଥିରିଥିରି ଚାଲି
ପ୍ରଜାପତି ଧରିବାର ନିଶା
ଗଛ ଆଢୁଆଳରେ
ଦୁଇଟି ପ୍ରାଣର ଆବେଗ
ପୁଣି କେତେ ଅସ୍ପଷ୍ଟ କଥା ।

ମେଘସହ ଭାସିବାକୁ ଇଚ୍ଛା
ଉଡ଼ନ୍ତା ଚଢ଼େଇକୁ ଧରିବାର ଚେଷ୍ଟା
ଚାନ୍ଦକୁ ତୋଳିଆଣି
କାନିରେ ବାନ୍ଧିଦେବାକୁ ଶପଥ
ଏମିତି କେତେ କ'ଣ ମିଳେନି ତାର ହିସାବ ।

ଅସରନ୍ତି ରାସ୍ତାରେ ଛଟପଟ ଜୀବନ
ଦୀର୍ଘନିଃଶ୍ୱାସର କୁଣ୍ଡଳୀ

ଶବ୍ଦହୀନ ଚାହାଣି
ଆଶାର ମରିଚିକା
ଦଉଡ଼ି ଦଉଡ଼ି ହାଲିଆ
ହାତ ପାଆନ୍ତାରେ ଥାଇ ବି
ଅନେକ ଦୂରତା ।

ଶୂନ୍‌ଶାନ୍ କୋଠରି
ମଧ୍ୟରାତ୍ରରେ ନିଶାର ଗର୍ଜନ
ଅନ୍ଧାର ଭିତରେ ଅନ୍ଧ ହୋଇ
ଅଣ୍ଡାଳିବାର ନିଶା
ମିଳିଯାଏ ଶାମୁକା ନ ଥାଏ ମୁକ୍ତା ।

ପାହାନ୍ତିଆ ପବନର ସ୍ପର୍ଶ ମିଳେ
ମିଳେନି କଅଁଳିଆ ସ୍ୱପ୍ନ
ମିଳେନି ଆକାଶରେ ଉଡୁଥିବା ପରୀ
ମିଳେ ଖାଲି ଛୁରୀ ଓ କଣ୍ଟାର ସ୍ପର୍ଶ ।

ଏମିତି କେତେ କ'ଣ
ଅସ୍ପଷ୍ଟ ଦିଶୁଛି ଅଲେଖା କାଗଜ ଉପରେ
ସାତ ତାଳ ପାଣି ଭିତରେ ସୁନାର ଫରୁଆ
ତା' ଭିତରେ ବୁଢ଼ୀ ଅସୁରୁଣୀ କେଶ
ପାଇବା ହୋଇପାରେ କଷ୍ଟ
ଅଲେଖା କାଗଜରୁ ମିଳିଯାଏ ସହଜରେ
ଅନେକ ମିଠା ଖଟା ସ୍ୱାଦର ଭଗ୍ନାଂଶ ।

❖❖❖

## ବହିଥାକ

କେତେଖଣ୍ଡ କାଗଜ ଓ ମଲାଟକୁ ଆପଣେଇ ନେଇ
ବହିଟିଏ ଶୋଭାପାଏ ମୋ ବହି ଥାକରେ
ଗୋଲଗୋଲ ଅକ୍ଷରରେ ନାଆଁ ମଲାଟ ଉପରେ
ତଳକୁ ଦିଶିଯାଏ ଲେଖକର ନାଆଁ
କେତୋଟି ଛବି ପୁଣି ବହିଟି ଉପରେ ।

ନିଃଶ୍ୱାସ ରୁଦ୍ଧ ହୋଇଯାଏ ଅକ୍ଷରର
କେତେ ମୁହଁକୁ ଲୁଚାଇଛି
ତା'ର ପ୍ରତି ବିନ୍ଦୁରେ, ଶିରାପ୍ରଶିରାରେ
ସେ ବହି ଭିତରେ ।

ଥାକରୁ ବହି ଆଣି ଖୋଲିଦେଲା ପରେ
ଆଖିଟା ଲାଖିଯାଏ ଧାଡ଼ି ଧାଡ଼ି ଅକ୍ଷର ଉପରେ
ଦିଶିଯା'ନ୍ତି ଭଳି ଭଳି ଚରିତ୍ର
ହାତକୁ ହାତ ଧରି ଧାଡ଼ି ବାନ୍ଧନ୍ତି
ମୋ ଅଇନାରେ ।

କହିଯା'ନ୍ତି କେତେକେତେ କଥା ମୁକ୍ତ ହେଲାପରେ
କେତେ ଯେ କବିତା
ଆଖି ଆଗେ ନାଚିଯାଏ

କେତେ ପ୍ରେମ କେତେ ସୁଖଦୁଃଖ କଥା
ଜାବୁଡ଼ି ଧରିଥିବା ପୃଷ୍ଠା

କଳକଳ ଝରଣାର ଆବେଗ
ମୁଣ୍ଡଟେକି ଛୁଉଁଥିବା ପର୍ବତର ଶିଖର
ବରଫର ପ୍ରଲେପ
ଇନ୍ଦ୍ରଧନୁର ସାତରଙ୍ଗର ଓଢ଼ଣୀ
ପ୍ରକୃତିର ସୌନ୍ଦର୍ଯ୍ୟରେ ମୁଖରିତ ବନ
ଆହୁରି କେତେ କ'ଣ।

କେଉଁଠି ଦିଶିଯାଏ କୁନାକୁନି ଖେଳ
କିଶୋର କିଶୋରୀଙ୍କ ମେଳ
ପ୍ରେମିକ ପ୍ରେମିକାଙ୍କ ମିଳନ
ପତାକୁ ଭିଜଉଥିବା ବିଦେଶୀ ପୁଅର କୀର୍ତ୍ତି
ବୀର ସୈନିକର ଦେଶପ୍ରୀତି।

ସବୁକୁ ଗୋଟେଇ ନେଇ
ରଖିଦେଇଛି ପୃଷ୍ଠାପୃଷ୍ଠା କାଗଜ ଭିତରେ
ଅତି ଯତ୍ନରେ
ତା'ର ସେ ରଙ୍ଗବେରଙ୍ଗ ମଲାଟ ଭିତରେ
ଚୁପ୍‌ଚାପ୍ ରହିଛି ସେ
ନିରିମାଖି ହୋଇ ମୋ ବହି ଥାକରେ।

❖❖❖

# ଜରା ନିବାସ

ବିରାଟ ଫାଟକ ଦେଇ
ପଶିଗଲା ଧୋବ ଫରଫର କାର୍‌ଟିଏ
ଇଞ୍ଜିନ ଶବ୍ଦ ଶୁଣି
ଅଲୋଡ଼ା ମଣିଷଟି
ମୁହଁ ଦେଖାଇଲା କବାଟ ଫାଙ୍କରେ ।

ପାଇବାର କିଛି ଆଶା ନାହିଁ
ଭାଗ୍ୟକୁ ଆଦରି ରହିଛି
ଜରା ନିବାସରେ ।
ସମାଜ ରହିଛି ଅଳ୍ପ ଦୂରେ
ପୁଅ, ଝିଅ ବୋହୂ କାହିଁ କେତେ ଦୂରେ
ଅଲୋଡ଼ା ଜୀବନ ନେଇ
ବଞ୍ଚିଛି ସେ ଦୁନିଆ ଆଖିରେ ।

ଏମିତି ଗାଡ଼ି ତ ଅଛି ପୁଅର
ବୋହୂ କରେ ଚାକିରି
ଦୁଇମୁଠା ଦାନା ପାଇଁ ପଡ଼ିଛି ସେ
ବନ୍ଧୁ ପରିଜନ ଘର ତୁଚ୍ଛ କରି ।
ଆଶା ଓ ଆକାଙ୍କ୍ଷା ନେଇ

ଗଢ଼ିଥିଲା ଘର
ମୁଣ୍ଡ ଗୁଞ୍ଜିବା ପାଇଁ ମିଳିଲାନି ଛପର
ଜରା ନିବାସ ଆଜି ହେଲା ସାର ।

ଚାହୁଁଛି ସେ ପଛକୁ
ଅନେକ ପଛକୁ
ଏନ୍ତୁଡ଼ି ଶାଳର ପ୍ରସବ ବେଦନା ସେ ଭୁଲିଛି
କଅଁଳିଆ ଖରାରେ
କୁଆଁ କୁଆଁ ଡାକ
ତା ହାତରୁ କାମ ଛଡ଼ାଇଛି ।

ଠୁକୁଠୁକୁ ଚାଲି
ଚାହାଳି ଘର ପାଠ ପଢ଼ା
ସବୁ ତାର ମନେ ଅଛି
ଦିଅଁ ଦେବତାଙ୍କୁ କେତେ ମନାସିଛି
ମଣିଷ କରିବା ପାଇଁ
ରକତ ଢାଳିଛି
ଏସବୁ ଭୁଲିବ କେମିତି ?

ଘରଟି ପୂରି ଉଠିବ
କେତେ ସ୍ୱପ୍ନ ଦେଖିଛି
ସବୁକୁ ପାଇଗଲା ପରେ
ସବୁକୁ ହାରିଛି ।
ଦୁର୍ଦ୍ଦିନ କବାଟ ଠକ୍‌ଠକ୍ କରି
ପଶି ଆସିଛି ତା ସୁନା ସଂସାରକୁ

ଜରାନିବାସ ଆଜି ଆପଣେଇଛି ତାକୁ
ତଥାପି ଅଲୋଡ଼ା ମଣିଷଟି
ଖୋଜୁଛି ତା ରକ୍ତକୁ
କାଳେ ଆସିଥିବ ଭାବି
ଚାହୁଁଚି ଗାଡ଼ିକୁ
ପଛକୁ ଚାହିଁଲାବେଳେ ଦେଖୁଛି
ଜରାନିବାସ, ତାକୁ ସ୍ୱାଗତ କରୁଛି ।

❖❖❖

# ଆଶିଷ

ଆକାଶକୁ ମାଗିଥିଲି ତାରା ମୁଠେ
ଜହ୍ନକୁ ମାଗିଲି ଟିକେ ଜ୍ୟୋତ୍ସ୍ନା
ସୂରୁଜକୁ ମାଗୁଛି ମୁଁ ଜୀବନଟେ
କୈଶୋର, ଯୌବନ, ବାର୍ଦ୍ଧକ୍ୟ ଅବସ୍ଥା ।

ପାହାଡ଼କୁ ମାଗିଛି ମୁଁ କୁଳୁକୁଳୁ ଝରଣା
ଖିଲି ଖିଲି ହସ
ନୀଳ ଦରିଆକୁ ମାଗିଛି ଉଛୁଳା ଜୀବନ
ପବନକୁ ମାଗିଛି ଉଡ଼ିବାର ନିଶା
କଳିକାକୁ ମାଗିଛି ମୁଁ ଯେତେ ସବୁ ଆଶା ।

ସବୁଜ ଗାଲିଚା ଦେବ ମୋତେ
ସାଧବ ବୋହୂର ଥିରିଥିରି ଚାଲି
ଘାସ ଫୁଲର ଆୟୁଷ
ସମୟକୁ ମାଗିଛି ମୁଁ ଜୀବନର ଝଲକ ।

ନିଦକୁ ମାଗିଛି ଆଞ୍ଜୁଳାଏ ସ୍ୱପ୍ନ
ଇନ୍ଦ୍ରଧନକୁ ମାଗୁଛି ମୁଁ ସାତ ରଙ୍ଗ
କୋଇଲି ଦେବ ମୋତେ ମଧୁର ମୂର୍ଚ୍ଛନା

ବୀଣାକୁ ମାଗିଲି ସୁଦିନର ସୁର
ନାଉରୀକୁ ମାଗିଛି କାତଟିଏ
ପାର ହେବାକୁ ଏ ଅସୀମ ସାଗର ।

ଫୁଲକୁ ମାଗିଛି ଖାଲି ଚେନାଏ ମହକ
ମେଘକୁ ମାଗିଛି ଖିଆଲର
ଭସା ଭସା ବାଦଲ
ଶୂନ୍ୟତା ଦେବ ମୋତେ
ସ୍ମୃତିର ପ୍ରତିଧ୍ୱନୀ
ଅନ୍ଧାର ଦେବ କେତେ ନିଶି ପଦ୍ମ
ନୀଡ଼କୁ ମାଗିଛି ଖାଲି ଉଷ୍ମତା
କଅଁଳିଆ ସାବକର ଚେଁ ଚାଁ ଶବ୍ଦ ।
ଏସବୁ ପାଇଗଲା ପରେ
ତୁମକୁ ମାଗୁଛି ପ୍ରଭୁ
କେବଳ କେବଳ ଆଶିଷ ।

❖❖❖

## ମାନବସ୍ପର୍ଶୀ ଜଗନ୍ନାଥ

ତୁ ଖାଲି ଦିଅଁ ନୁହଁ
ତୁ ବି ମାନବ
କିଏ ଡାକେ କାଳିଆ
କିଏ କହେ ଜଗା
କିଏ କହେ ରସିକ
କିଏ କହେ ନାଗର
କିଏ କହେ ତୁ ପୁଣି କିଏ କହେ ତୁମେ
ହାତ ପାଦ ନାହିଁ ବୋଲି ଶୁଣୁ ତୁ ଗଞ୍ଜଣା
ଭାଇ ଭାଇ ଡାକେ ତୋତେ
ଏ ସାରା ଦୁନିଆ

ତୁ ଯଦି ମଣିଷ ନୋହୁଁ
ଜର ହୁଏ କାହିଁକି ?
ସୃଷ୍ଟି ତୋର ମହୋଦଧି
ନଖ କୋଣେ ଗଙ୍ଗା
କେତେ ଢାଳ ଜଳ
ତୋତେ କାବୁ କରେ
ବଇଦ ସେବା ପାଉ ଅଣସର ଘରେ ।

ଯିଏ ଯେଉଁଠି ଥାଉ ପଛେ
ଜନ୍ମସ୍ଥାନ ଭୁଲେନି
ତୁ ବା ଭୁଲିବୁ କିପରି ?
ପେଡ଼ି ପୁଟୁଳି ଧରି
ଭାଇ ଭଉଣୀଙ୍କୁ ନେଇ
ଆନନ୍ଦରେ ଝୁଲି ଝୁଲି
ଚଢ଼ିଯାଉ ରଥରେ
ବଡ଼ ଦାଣ୍ଡ କମ୍ପିଉଠେ
ଘଣ୍ଟ ମୃଦଙ୍ଗର ତାଳେ ତାଳେ
ଯାତ୍ରାକରୁ ଜନମ ସ୍ଥାନକୁ
ରାଜଥାଟରେ
ପୋଡ଼ପିଠା ଖାଇଦେଇ ମାଉସୀ ମା ଘରେ ।
ଘର ଲୋକେ ଦେଖି ତୋତେ
ପାଛୋଟି ନିଅନ୍ତି ଖୁସିରେ
ନଅଦିନ କାଟୁ ତୁ ଗୁଣ୍ଡିଚା ନଅରେ

ଭାରିଜାକୁ ଛାଡ଼ିଦେଇ ଭଉଣୀକୁ ନେଇ
ଯାଇଥିଲୁ ଜନମ ଥାନକୁ
କେତେ ହଟହଟା ହେଲୁ
ରଥକାଠ ଭାଙ୍ଗି
ତୋତେ ଲୋକହସା କଲା
ତାକୁ ତ ସହିଲୁ
ଜୟ ବିଜୟ ଦ୍ୱାରରେ
ଭାରିଜାର ଛଳପୂର୍ଣ୍ଣ କ୍ରୋଧ ମେଣ୍ଟାଇଲୁ

ମିଳନ ଆନନ୍ଦରେ ପୁଣି
ରସଗୋଲା ତୁ ବାଣ୍ଟିଲୁ ।

ତୁ ଯଦି ମାନବ ନୁହଁ
କାହିଁକି ରାହୁକୁ ଡରୁ
ରାହୁ ରେଖା ପିନ୍ଧି
ରାହୁ କ୍ରୋଧ ଦୂର କରୁ
ଭଉଣୀର ରାକ୍ଷୀ ପିନ୍ଧି ଆଶୀର୍ବାଦ ଭରୁ ।

ପରମେଶ୍ୱର ହୋଇ
ଅର୍ଜୁନଙ୍କ ସାରଥି ସାଜିଲୁ
ମହାଭାରତ ଯୁଦ୍ଧରେ
ସାରଥି କଲୁ ଦାରୁକକୁ
ବଡ଼ଦାଣ୍ଡେ ତୋ ରଥରେ ।
ସୁଭଦ୍ରାଙ୍କ ରଥ ପାଇଁ ଖଞ୍ଜିଦେଲୁ
ସ୍ୱାମୀ ପରମେଶ୍ୱର ଅର୍ଜୁନଙ୍କୁ
ପ୍ରଚାର କଲୁ ପରିବାରବାଦକୁ ।

ଯିଏ ତୋତେ ଭଲ ପାଏ
ଭଲ ପାଉ ତୁ ତାହାକୁ
ଦାସିଆ ହାତରୁ ନଡ଼ିଆ ନେଇ
ପ୍ରଚାର କଲୁ ତୋ ମାନବିକତାକୁ ।

ବଡ଼ ଦେଉଳ, ବଡ଼ଦାଣ୍ଡ
ବଡ଼ ଭୋଗ ସବୁରେ ତୁ ମାଲିକ
ରହିଛୁ ତୁ ଆମ ସହ
ଲାଗିଛି ତୋ ଦେହରେ
ମାନବର ସ୍ପର୍ଶ ।

❖❖❖

## ଚୁଲ୍‌ବୁଲି କବିତା

କବିତା ତୁ କେଡ଼େ ଚୁଲ୍‌ବୁଲି
ତୋ ଚଞ୍ଚଳତା ପାଖରେ
ଲକ୍ଷ୍ମୀ ବି ହାର ମାନିଯାଏ
ଏଇଠି ଥାଉ ପୁଣି ଚାଲିଯାଉ ସେଠାକୁ
ଗୋଟିଏ ମୁହୂର୍ତ୍ତ ତୋ ପାଇଁ
ଲୋଡ଼ା ହୋଇଥାଏ ।

ରାତିର ଶେଷ ପ୍ରହରେ ଆସିଯାଉ
ଝାପ୍‌ସା ଝାପ୍‌ସା ଚେହେରା
ଆଖିଖୋଲି ଛୁଇଁ ଦେଲେ
ତୁ ହୋଇଯାଉ ଉଭାନ
ହୁଏ ତୋ ଉପରେ ଖୁବ୍ ଅଭିମାନ ।

ଫଗୁଣ ପବନରେ ଉଡ଼ି ଉଡ଼ି ଆସୁ ତୁ
ସାଙ୍ଗରେ ଆଣୁ କେତେ ମଲ୍ଲୀ କେତେ ବାସ୍ନା
ଟିକିଏ ଅପେକ୍ଷା ନ କରି
ଫୁର୍‌କିନି ଉଡ଼ିଯାଉ
ଛାଡ଼ିଦେଇ ଫଗୁଣର ପୂନେଇଁ ଜୋଛନା ।

ସେ ଦିନ ତୁ ଆସିଥିଲୁ ରାଧାକୃଷ୍ଣ ସାଙ୍ଗରେ
ବଇଁଶିର ସୁରେ ସୁରେ
ଫଗୁଣର ଫଗୁ ଆସରରେ
ଧୂପ ଦୀପ ନୈବେଦ୍ୟ ଡାଲାରେ
ଛୁଇଁବାକୁ ହାତ ବଢ଼ାଇଲି
ଝଟ୍ କରି ଚାଲିଗଲୁ
ଦେଇଗଲୁ କେତେ ଯେ ବେଦନା
ସାଇତିଛି ସେ ସବୁକୁ
ମୋ ଦରଦୀ ମନରେ ।

ମନେ ତୋର ନାହିଁ ?
ଯେଉଁଦିନ ମୁଠିଏ ଦାନା ପାଇଁ
ଚାଲିଥିଲା ସଂଘର୍ଷ
କେତେ ହଣାକଟା
ନିରିହ ମା'ର କରୁଣ ବିଳାପ ।
ଏସବୁ ଦେଖିଲା ପରେ
ମୁହଁଟାକୁ ଦେଲୁ ତୁ ବୁଲାଇ
ଚାଲିଗଲୁ କାହିଁ କେତେ ଦୂରେ
ସତରେ ତୁ କେଡ଼େ ଚୁଲ୍‌ବୁଲି ।

ଅଧାଗଢ଼ା ଦେହରେ ତୋର
ଟିକିଏ ରଙ୍ଗ ଦେବା ପାଇଁ
ତୂଳି ଧରି ବସିଥାଏ
ମନକୁ ପାଇଲା ଭଳି ଆଙ୍କିବି ତୋ ଛବି

କେତେବେଳେ ହେଉ ତୁ ରୂପସୀ
କେତେବେଳେ କଙ୍କାଳଟିଏ ସାଜି
ଲୁଚିଯାଉ ଅନ୍ଧାରରେ
ଖୋଜିଖୋଜି ହୁଏ ମୁଁ ହାଲିଆ
ତଥାପି ତୋ ସହିତ
ଲାଗିଥାଏ ମୋର ମାୟା ।

ଲୁଚକାଳି ଖେଳୁଛୁ ତୁ ଧରାପଡ଼ିଯିବୁ
ଛାଟିପିଟି ଦେହ ତୋର ଅବଶ ହୋଇବ
ଯାଇ ତୁ ପାରିବୁନି ଜାବୁଡ଼ି ଧରିବି
ସଜାଇବି ନୂଆବୋହୂ ବେଶରେ
ମୋ କାଗଜ କଲମ କାଳିରେ ।

❖❖❖

## ତୁମସହ ଦେଖା

ତୁମସହ ଦେଖା ହେଲା
ଗାଈପଲ, ପକ୍ଷୀଦଳ ଫେରୁଥିବା ବେଳେ
ନାଲିଆ ସୂରୁଜ ମୁହଁ ଲୁଚେଇଲାବେଳେ
ମୁହଁସଞ୍ଜ ପଣତରେ
ଗୋଧୂଳିର ମୁହଁଗୁଞ୍ଜା ପରବ ବେଳରେ
ସମସ୍ତେ ଯିବା ପାଇଁ ତରବର
ଆମେ ଦୁହେଁ ହେଲେ ଆପଣାର
ଆକାଶ ଓ ମାଟିମାଆ ମଝିରେ ।

ବାଦଲ ଫାଙ୍କରେ
ରୁପାଥାଳି ଭଳି ପୂର୍ଣ୍ଣମୀର ଜହ୍ନ
ଦେଖିଲା ଆମକୁ
ଖିଲିଖିଲି ହସିଦେଇ କୁନିପିଲା ପରି
ମୁହଁ ଗେଞ୍ଜିଦେଇ ଚାଲିଗଲା ଆଢୁଆଳକୁ ।
ଆକାଶଟା ସାରା ଫୁଟିଗଲେ ତାରାଫୁଲ
ଆଖି ମିଟିମିଟି କରି ଠରାଠରି ହେଲେ
ଆମକୁ ଦେଖିଲାପରେ ।

ଶିରିଶିରି ପବନ ଥମ୍ ହୋଇଗଲା
ସ୍ଥିର ପଥର ଭଳି ଆମକୁ ଚାହିଁଲା

ଆମେ ହୋଇଗଲେ ତା' ଆଖିରେ
ଆଦାମ୍ ଇଭ୍ ବା ଲଇଲା ମଜ୍ନୁନ୍
ଏତେସବୁ ଦେଖିବାକୁ
ଆମ ହାତେ ସମୟ ଥିଲା ଖୁବ୍ କମ୍ ।
ଅନେକ ଇସାରା ଥିଲା ଅଳପ କଥାରେ
ଆମେ ହୋଇଗଲେ ଏକ୍ ପ୍ରକୃତି କୋଳରେ ।

❖❖❖

# କୁଆଡ଼େ ଗଲା ସେ ଦିନ

କୁଆଡ଼େ ଗଲା ସେ ଦିନ
ଗୋଲଗୋଲ ଅକ୍ଷରରେ ଲେଖା ଲମ୍ବା ଚିଠି
ପ୍ରତି ଅକ୍ଷରରେ ପ୍ରିୟା ମୁହଁ
ସଲ୍ଲଜ ଚାହାଣି
ମୃଦୁମୃଦୁ ହସ
ମାଆର ଆଶୀର୍ବାଦ
ଏସବୁ ଲିଭି ଗଲାଣି ।
ଇ-ମେଲ୍
ଏସ୍.ଏମ୍.ଏସ୍. ଚିଠିରେ
ନଥାଏ ଜୀବନର ସ୍ପର୍ଶ
ଶୁଖିଲା ପତ୍ରଭଳି ଅକ୍ଷର ଝଡ଼ି ପଡ଼େ
ସବୁ ମୁହଁ ହୋଇଯାଏ ଅଦୃଶ୍ୟ
ସବୁଜ ପତ୍ରର ଶିହରଣ
ନ ଥାଏ ତା' ଶିରା ପ୍ରଶିରାରେ
ମନକୁ ନଛୁଇଁ ସେ ରହିଯାଏ ପାଟିରେ ।

କୁଆଡ଼େ ଗଲା ସେ ଦିନ
ବାଆ ବତାସକୁ ନଡ଼ରି

ସୂକ୍ଷ୍ମ ବସାଟିର ଗୋଲିଆ ମୁହଁରେ
ଜୁଲୁଜୁଲୁ ଚାହିଁ ବାଇ ଚଢ଼େଇର
ଝୁଲିବାର ଦୃଶ୍ୟ।
ଚାରିଆଡ଼େ ତାଳଗଛ ସରିସରି ଆସୁଛି
ଯୁକାଲି ପଟାସ୍ ମୁଣ୍ଡ ଟେକି
ଆକାଶକୁ ଚାହୁଁଛି।

କୁଆଡ଼େ ଗଲା ସେଦିନ
ଚାଳଘରେ ଘରଚଟିଆର ଚିଁ ଚାଁ ଶବ୍ଦ
ଚାଳ ନାହିଁ ରହିବେ କେଉଁଠି ?
ଉଡ଼ିଗଲେଣି କେତେ ଦିନୁ
ପକାଘର ଯେଉଁଦିନୁ ଧାଡ଼ି ବାନ୍ଧିଛି।
ଗଛ ସବୁ କଟା ହୋଇ
ପକ୍କାଘର ଗଢ଼ି ଉଠିଲା
ହଳଦୀ ବସନ୍ତ, ଭଦଭଦଳିଆ
ମୁହଁ ଦେଖି ଶୁଭ ଖବର ମିଳିବାର
ସ୍ୱପ୍ନ ହଜି ଗଲା।

କୁଆଡ଼େ ଗଲା ସେଦିନ
ପୂନେଇଁ ପରବରେ ସାଇଭାଇ ମେଳରେ
ଗାଁ ଦାଣ୍ଡ କମ୍ପୁଥିଲା କୁନା କୁନି ସାଥିରେ
ଏବେ ଖାଲି ଫ୍ଲାଟ ଘର
ଚାରିଆଡ଼େ ବନ୍ଦ୍‌ବାନ୍ଦ୍
କେହି କାହାକୁ ଚିହ୍ନେନି
ଲୋକବାକଙ୍କର ମୁହଁ ବାହାରେ ଦିଶେନି।

କୁଆଡ଼େ ଗଲା ସେ ଦିନ
ପୋଡ଼ ପିଠା ଆରିସାର ମହକ
ପିଲାଛୁଆ ସଭିଙ୍କର ଜିଦ୍
ଆଣିଦିଅ ପିଜା ବର୍‌ଗର୍ କେକ୍ ।

କୁଆଡ଼େ ଗଲା ସେ ଦିନ
ଭାଗବତ ଟୁଙ୍ଗି ଘର
ଯାନି ଯାତରା, ଦାସ କାଠିଆ
ଏବେ ସନ୍ଧ୍ୟାରେ
ଟି.ଭି. ସିରିଏଲ୍ କରେ
ସଭିଙ୍କୁ ବାଇୟା ।

କୁଆଡ଼େ ଗଲା ସେ ଦିନ
କିଶୋର କିଶୋରୀଙ୍କ
ଲୁଚକାଳି ଖେଳ
ବାଗୁଡ଼ି ଓ ଡୁ-ଡୁରେ ଯୁବକଙ୍କ ମେଳ
ସହରରୁ ମଫସଲ ଯାଏ
ବ୍ୟାଟ୍ ବଲ୍ ଧରି ପଡ଼ିଆକୁ
ଚାଲୁଛନ୍ତି ପିଲାରୁ ଟୋକାଯାଏ ଦଳଦଳ ।

❖❖❖

## ଧାରେ ଲୁହ

ଏଡ଼େ ଛୋଟ ନଈଟିଏ
ଟିପର ଟିପାଏ
କେତେ ଜଳ ଧରିଛି ତା ବକ୍ଷରେ
ଲୁଚେଇଛି ଅସୁମାରି ଜଳ
ଗୁପ୍ତ ଗଙ୍ଗା ହୋଇ
କେବେକେବେ ସାଜି ଗୋଦାବରୀ
କେତେ ସ୍ମୃତି ଧୋଇଦିଏ
ଅବା ଜାବୁଡ଼ି ଧରି ସେ ସ୍ମୃତିକୁ
ବୋହିଯାଏ ଫୁଲର ପାଖୁଡ଼ା ଧରି
ସୁଅରେ ସୁଅରେ ।
ସେ ନଈରେ କୁଟା ଖଣ୍ଡେ ଭାସିଗଲେ
ସାପ ଭଳି ଲାଗେ
ଛନ୍ଦିଯାଏ ପାଦର ପାଉଁଜିରେ ।

କାଗଜର ଡଙ୍ଗା ଅଣ୍ଟାକୁ ହଲେଇ ହଲେଇ
ଭାସିଯାଏ ସେ ନଈରେ
ଜୀବନର ସବୁ ପେଡ଼ି ଧରି
ଆଖି ତ ପାଏନି କାହିଁ କେତେଦୂରେ
ବେଳେବେଳେ ବନ୍ୟା ଆସେ ସେ ନଈରେ

କାତ ବି ପାଏନି ଅଥଳ ପାଣିରେ
ଦିଗହରା ହୋଇ
ଭଉଁରି ଭିତରେ ଉବୁଟୁବୁ ହୁଏ
ଦୁଇହାତ ଟେକି ଆକାଶକୁ ଚାହେଁ
ମାଗେ ମୁଠେ ତାରାଫୁଲ
ତା ପାଖେ ନ ଥାଏ କଉଡ଼ି
କେମିତି ବା ଦେବ ମୂଲ।

ଶବ ବୋହିଚାଲେ
ଶବ ହେବାକୁ ମନ କହେ ନାହିଁ
ମଶାଣିରେ ନିର୍ମମ ରାତିର ଡର
ନିସ୍ତବ୍ଧ, ଏକା ଏକା ଲାଗେ
ମାଟିକୁ ଛୁଇଁଲା ପରେ ଚାହିଁଥାଏ ମେଘକୁ
କାଳେ ହୋଇଯିବ ମିଳନ
ଗଣୁଥାଏ ଏକ ଦୁଇ କରି ଦିନକୁ

ଆକାଶର ପାଉଁଶିଆ ପରଦାକୁ ଆଡ଼େଇ
ପୂନେଇଁ ରାତିର ଜହ୍ନ ଉଇଁ ଆସେ
ଛୁପାଛୁପା ହସ ତାର ଶୋଷିନିଏ
ସେ ନଈର ଜଳକୁ
ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଛାଡ଼ି ଯାଏ ଚିହ୍ନକୁ
ଏତେ ଛୋଟିଆ ନଈଟିଏ
ପୁଣି ଏତେ ଓସାରିଆ, ଏତେ ଲମ୍ବା
ମାପୁ ମାପୁ ସତରେ ଲାଗିଯାଏ ଥକା।

❖❖❖

## ରେଲୱେ ଷ୍ଟେସନ

ବ୍ରିଜ ପାର ହେଲା ଏକ୍ସପ୍ରେସ୍
ଷ୍ଟେସନ୍‌ରେ ବାରବାର ଏନାଉନ୍ସମେଣ୍ଟ
ଚାବାଲା, ଫେରିବାଲା, ଠେଲାଗାଡ଼ି
ସମସ୍ତେ ତତ୍ପର
ପ୍ଲାଟଫର୍ମ ହୋଇ ଉଠିଲା ଚଞ୍ଚଳ
ଗାଡ଼ି ଚଢ଼ିବା ପାଇଁ ଯାତ୍ରୀମାନେ ହେଲେ ତିଆର।

ପହଞ୍ଚିଗଲା ଗାଡ଼ି ଷ୍ଟେସନରେ
ଦୋହଲିଗଲା ପ୍ଲାଟଫର୍ମ
ଦୁଆର ମୁହଁରେ ଭିଡ଼
ଚଢ଼ିବା ଓ ଓହ୍ଲାଇବା ପାଇଁ
କିଛି କ୍ଷଣ ପରେ ସବୁ ହେବ ନିଶ୍ଚଳ।

ଓହ୍ଲାଇଲେ କିଛି ଲୋକ ଚଢ଼ିଲେ ବି କିଛି
ମନରେ ଅନେକ କଥା ବସା ବାନ୍ଧିଛି
କିଏ ଫେରିଛି ଦୂର ଦେଶରୁ
ଦେଖିବ ପ୍ରିୟାର ମୁହଁ
ଚାହିଁଥିବ ସେ ଘଣ୍ଟାକୁ
ପହଞ୍ଚିବ ତା'ର ପ୍ରିୟ।

ବୃଦ୍ଧ ବାପ ମା ପାଇଁ କିଏ ବ୍ୟାକୁଳ
ଯେତେ ଶୀଘ୍ର ପହଞ୍ଚିବ ଘରେ
ବାପା ମା ଭଲ ମନ୍ଦ କଥା ବୁଝି
ହେବ ସେ ନିଶ୍ଚିନ୍ତ।

କହିଥିଲା ନିଶ୍ଚୟ ଆସିବ
କେଡ଼େ ମନନେଇ ସେ ଚାହିଁଥିବ
ଆଖିରେ ଆଖି ମିଶିବ
କେଉଁ ରେଷ୍ଟୁରାଣ୍ଟ ବା ପାର୍କରେ
ଭାବି ଭାବି ଛାଡ଼ିଲା ସେ ପ୍ଲାଟଫର୍ମ
ଦୂରତା ବାଧୁଛି ତାକୁ ମନ ବି ଅଥୟ ।

ହସପିଟାଲକୁ ଯିବାକୁ ହେବ
ମେଡ଼ିସିନ୍ ୱାର୍ଡ଼ରେ ଭାଇକୁ ଦେଖା କରିବ
ବାରମ୍ବାର ପ୍ରଭୁଙ୍କୁ ଗୁହାରି
ଭାଇ ଭଲ ଥାଉ
ରାସ୍ତାକୁ ବାହାରି
ଝଟପଟ୍ ରିକ୍ସା ଖୋଜେ ଡେରି ନ କରି ।

ବ୍ୟାଗରେ ବହିପତ୍ର
ବାଟସାରା ପଢିପଢ଼ି କିଏ ବା ହାଲିଆ
ଦଶଟାରେ ପରୀକ୍ଷା
ଛାତି ଧଡ଼ଧଡ଼
ସୁଲଭ ଶୌଚାଳୟ ବା ହୋଟେଲରେ
କାମ ସାରି ହେବ ସେ ସଜବାଜ
ଠିକ୍ ସମୟରେ କେନ୍ଦ୍ରରେ ପହଞ୍ଚିବ ।

ବିଭିନ୍ନ ମନ ନେଇ ସମସ୍ତେ ଛାଡ଼ିଲେ ପ୍ଲାଟଫର୍ମ
ପେଁ ପାଁ କରି ଛୁଟିଲା ଅଟୋ ରିକ୍ସା
ସେ ବି ମନ ବୁଝୁଥିଲା
କେମିତି ପହଞ୍ଚିବ ଶୀଘ୍ର
ଯିଏ ଯେଉଁଠି ଚାହୁଁଥିଲା ।

❖❖❖

# କେତୋଟି ଶବ୍ଦ

ଲମ୍ବାବାକ୍ୟ ନୁହେଁ
ବେଶୀ କଥା ବି ନୁହଁ
ମାତ୍ର କେତୋଟି ଶବ୍ଦ
ରାତିର ନିଦକୁ ନେଇଗଲା
କେତେ ଗଭୀରକୁ
ଯେଉଁଠି ଶାମୁକା ଅଛି
ମୋତି ବି ଅଛି
ସାର୍କ ଅଛି ତ ସିଲ୍ ଅଛି
କାହାକୁ ସାମ୍ନା କରିବାକୁ ପଡ଼ିବ ?

ମୋତି ଯଦି ମିଳିଯାଏ
ଖୁବ୍ ଭଲ କଥା
ସୁନାଫରୁଆ ଆଉ
ନାଲି କନା ଖୋଜା ହେବ
ଯତ୍ନ କରି ରଖିଦେବ
ତା କାଠ  ସିନ୍ଦୁକ ଭିତରେ
ଯଦି ସାର୍କ ହାବୁଡ଼ରେ ପଡ଼ିଯାଏ
ଯୁଦ୍ଧ କରିବ ରକ୍ତ ବାହାରିବା ଯାଏ ।

ହାରିବ କି ଜିତିବ
ଦୁଇଟାରୁ ଗୋଟାଏ ତ ନିଶ୍ଚୟ ହେବ।
ଭୀରୁ ହୋଇ କାହିଁକି ଡରିବ
ଆଶୀର୍ବାଦ ଲୋଡ଼ିବ
ପ୍ରଭୁଙ୍କ ପାଦରେ
ଲୁହ ଢ଼ାଳିଦେବ
ଲୁହରେ ଫୁଟିବ ଆର୍ଶୀବାଦ ଫୁଲ
ସାଉଁଟି ଆଣିବ
ଡରିଯିବେ ସାର୍କ ଓ ସିଲ୍
ବାଟ ନ ଓଗାଳି ମୁହଁ ବୁଲାଇବେ
ଆଞ୍ଜୁଳାଏ ମୋତି ନେଇ ସମର୍ପିବ ପ୍ରଭୁଙ୍କୁ
ତା ଆରାଧ୍ୟ ଦିଅଁଙ୍କୁ।

❖❖❖

## ଡାକବଙ୍ଗଳା

ଚା ବଗିଚା ମଝିରେ ବିରାଟ ଡାକବଙ୍ଗଳା
ଅନେକ ଲୋକ ଆସନ୍ତି ଏଠାକୁ
ଦୁଇ ଦିନ ଅବା ତିନି ଦିନ ପାଇଁ
ରଙ୍ଗ ବେରଙ୍ଗର ଫୁଲ,
ସବୁଜ ଘାସର ଗାଲିଚା
ସ୍ୱାଗତ କରେ ଦି ଦିନିଆ ଅତିଥିଙ୍କୁ।

ଆଖିପାଏନି ସବୁଜ ପ୍ରାନ୍ତରକୁ
ଚାଙ୍ଗୁଡ଼ି ଧରି ଚା' ପତ୍ର ତୋଳୁଥିବା
ରମଣୀମାନଙ୍କୁ।
ହାତକୁ ଫୁରସତ ନାହିଁ
କିଏ କେତେ ତୋଳିବ
ପ୍ରତିଯୋଗିତା ଭିତରେ ଅଣନିଃଶ୍ୱାସୀ ରମଣୀ
ଚାଙ୍ଗୁଡ଼ି ଭରିବାରେ ବ୍ୟସ୍ତ
ମନଭରି ଦେଖୁଥାଏ ଅତିଥି
ଆଜି ସେ ମୁକ୍ତ।

ଡାକବଙ୍ଗଳା ଚାହିଁଛି
ତା ସାମ୍ନାର କଅଁଳିଆ ଘାସଭରା ଲନ୍‌କୁ
ଲନ୍‌ର ସେ ପଟରେ ବନ୍ଧା ଏକ ନିଶୁଣିକୁ।

ନିଶୁଣିରେ ଚଢୁଥିବା ଜୀବଟିଏ
ଅଳିଆକୁ ତଳେ ଛାଡ଼ି ଦେଇ
ହାଲକା ପବନରେ ହଜିବାର ମନ ନେଇ
ଧୀରେ ଧୀରେ ପହଞ୍ଚୁଛି
ନିଶୁଣି ଉପରେ ଥିବା ଚାଳଘରେ।
ଉପରେ ସେ ଥାଇ
ତଳକୁ ଚାହିଁଲେ ଦେଖୁଛି
ଛନ୍ଦାଛନ୍ଦି ବିକଳିଆ ଲୋକଙ୍କୁ।

ସେ ପଟରେ ଛୋଟିଆ ପୋଖରୀ
ଦିନ ଗଣୁଥିବା ଛୋଟଛୋଟ ମାଛ
ଧାନକ୍ଷେତ, ଆଦ୍ୟ ଆଷାଢ଼ରେ
ପୂର୍ଣ୍ଣାଙ୍ଗ ହେବାର ଆଶା ତା'ର ଅନେକ।
ଲିଚୁ, ସପୁରୀରେ ପୂରିଛି ବଗିଚା
ଆମ୍ବ ପଣସ ବିମର୍ଷ
ଉଷ୍ମତାକୁ ଚାହିଁ ଚାହିଁ ସେମାନେ ନିରାଶ।

ଫୁଲର ରଙ୍ଗ ଓ ବାସ୍ନା
ପାଗଳ କରେ ଅତିଥିଙ୍କୁ
ଗୁଣୁଗୁଣୁ ଗୀତ ଗାଇ
ସଂସାରର ସବୁ ଦୁଃଖକୁ ପାସୋରି
ଏ ଫୁଲକୁ ଛାଡ଼ି
ସେ ଫୁଲପାଖରେ ପହଞ୍ଚେ
ଛାଡ଼ିବାକୁ ମନ କହେନି କାହାକୁ।

ରାତିର ଝିମ୍‌ଝିମ୍ ବର୍ଷା
ଚୁପ୍‌ଚାପ୍ କୋଠରି

ମସୃଣ ନିର୍ଜନତା, ତୂଳିତଳ୍ପ ଶେଯର ଉଷ୍ମତା
ହାଲକା ମନ
କେତେ କ'ଣ ଅତିଥିର ପାଇବାର ଆଶା
ସବୁ ବୁଝେ ଏ ଡାକବଙ୍ଗଳା
ନିରୁପାୟ ସେ ମୂକ ହୋଇ ଚାହିଁଥାଏ
ଶାଗୁଆ ଗାଲିଚାର ଧାରେ ଧାରେ
ଫୁଲର ରଙ୍ଗକୁ।

ସେମିତି ନିର୍ବାକ ହୋଇ
ଡାକବଙ୍ଗଳା ଚାହିଁଥାଏ କେତେ ଅତିଥିଙ୍କୁ
ଶୁଣୁଥାଏ ଗପ ସପ
ଖିଲିଖିଲି ହସରେ
ଫାଟିପଡ଼େ ତା ଅଷ୍ଟାଙ୍ଗ ଶରୀର
ଦୁଇଦିନ ପରେ
ସେମାନେ ଚାଲି ଯାଆନ୍ତି
ତା ବଗିଚା ପାର ହୋଇ
ଚାହିଁଥାଏ ସେ ମୁଣ୍ଡ ଟେକି
ଚଲା ପଥକୁ
ପୁଣି କିଏ ତ ଆସିବ
ନିରାଶ ହେବ ସେ କାହିଁକି
ଏମିତି ବୁଝାଏ ମନକୁ।

❖❖❖

## ଅଧାବାଟ

ବାଟଟା ତାର ସରୁନି
ଆହୁରି ଅନେକ ବାଟ ଯିବାକୁ ହେବ
ଝୁଣ୍ଟି ପଡ଼ିବାର ସମ୍ଭାବନା ଅଛି ।
ସାଙ୍ଗରେ କେହି ନାହିଁ
ଏକାଏକା ଚାଲିବାର ଅଭ୍ୟାସ ଅଛି
ଅଧାବାଟ ଚାଲି ଆସିଲା ପରେ
ଟିକିଏ ଥକି ପଡ଼ିଛି ।

ବାଟରେ ଅନେକ ସାଥୀ ଭେଟିଛି
କିଏ ଆହା କହିଛି
କିଏ ପୁଣି ମୁହଁ ବୁଲେଇଛି
କାହାକୁ ଖାତିର ନ କରି
ଏକାଏକା ଚାଲିଛି ।

ଦିନେ ସେ ଏକା ହେବ
ସେ ଦିନ ରାସ୍ତା ସରିଥିବ
ପାଦ ପକାଇବାକୁ ନ ଥିବ ଇଞ୍ଚିଟିଏ ଭୂମି
ଥମ୍ କରି ରହିଯିବ
ଭିନ୍ନ ରାସ୍ତାରେ ବାଟୋଇ ସେ ହେବ ।

ସେ ରାସ୍ତାରେ ଚାଲୁଚାଲୁ
କେତେ ଅଲୋଡ଼ା ପ୍ରାଣୀଙ୍କୁ ଭେଟିବ
କିଏ ତା'ର ପରିଚିତ
କିଏ ପୁଣି ଅଚିହ୍ନା
ଚାଲିଥିବେ ଆଗକୁ ଆଗକୁ
ସମସ୍ତେ ଏକ ମୁହାଁ ।

ହଠାତ୍ ଦେଖାହେବ ତା ସହିତ
ଦୀର୍ଘଦିନ ଚାହିଁଚାହିଁ
ବସିଥିବ ସେ ରାସ୍ତାକଡ଼ରେ
ଆଶା ଥିବ ଅନେକ
ନିଶ୍ଚୟ ଆସିବ ସେ
ଏକାଏକା ମୋ ପାଖକୁ
ଛାତିରେ ଜାକି ଧରି ଦୀର୍ଘ ଦିନର
ଆଶା ପୂରାଇବି
ପୁଲକରେ ଉଚ୍ଛୁଳି ପଡ଼ିବି
ହାତରେ ହାତ ଛନ୍ଦି
ଚାଲିବୁ ଆଗକୁ ଆଗକୁ
ବହୁତ ଦୂରକୁ ।

ଅଧାବାଟରେ ଏତେ ସବୁ ସ୍ୱପ୍ନ
ଉଡ଼େଇ ନିଏ ଶିମିଳି ତୁଳା ପରି
ଅକ୍ଷାଂଶ ଦ୍ରାଘିମାକୁ ଟପି
ଦିଗ୍‌ବଳୟ ଛୁଇଁପାରେ ନାହିଁ
ଆହୁରି କିଛି ବାଟ
ଚାଲିବାକୁ ଅଛି ବାକି ।

❖❖❖

## ଝଙ୍କାର ଏକ ସନ୍ଧ୍ୟାର

କିଏ ତୁମେ ଶିଳ୍ପୀ
ଜାଣେନି ତୁମ ନାଆଁ ଗାଁ ଠିକଣା
ଦେଖୁଛି ତୁମ ହାତରେ
ଝଙ୍କାର ସୃଷ୍ଟି କରୁଥିବା ରୁଦ୍ରବୀଣା ।

ବର୍ଷା ତ ଗଲାଣି ଚାଲି
ମୟୂର ଥକିନି
ଛନ୍ଦରେ ଛନ୍ଦରେ
ମେଘ ମହ୍ଲାର ତୋଳୁଛି ସେ
ଇନ୍ଦ୍ରଧନୁ ଆଙ୍କିଛି ସାତ ରଙ୍ଗରେ
ବର୍ଷା ଭିଜା ରାତିରେ ।

ନୀରବ ନିଶ୍ଚଳ ପ୍ରତିମା
ତୁମେ ଆଜି ଜୀବନ୍ତ
ଜ୍ୟୋସ୍ନା ବିଧୌତ ରଜନୀ
ବାନ୍ଧିଛି ତୁମ ପାଦେ ନୂପୁର
ମୃଦୁ ପାଦ ଶବ୍ଦ
ତାଳେ ତାଳେ ତୁମର ପଦଧ୍ୱନୀ
ମିଶିଯାଏ ସେ ତାରର ସ୍ୱରରେ ।

ମରାଳ ମାଳିନୀ
ଧାଡ଼ି ବାନ୍ଧି ଝୁମି ଝୁମି
ମତୁଆଲା ହୋଇ
ପାଦରେ ପାଦ ମିଶାଇ
ନାଚିଯାଅ ତୁମେ ଦେହ ବି ଥକେନି।

ଏତେ ଉଚ୍ଚରେ ମୋ ପ୍ରଭୁଙ୍କ ପତାକା
ତାଳ ମାନ ଧରିଛି ତା ବୁକୁରେ
ଫରଫର ଉଡୁଛି ସେ ସୁରେସୁରେ।

ସମୁଦ୍ରର ଢେଉ ଆଜି ଶାନ୍ତ
ନାହିଁ ତାର ଭୀମ ଗର୍ଜନ
କୂଳ ସେ ଛୁଉଁ ନାହିଁ
ବାଲି ଧୋଉ ନାହିଁ
ଥିରି ଥିରି ନାଚୁଛି ସେ ଆକାଶକୁ ଚାହିଁ
ମିଶୁଛ ତା ତାଳରେ ତା ଲୟରେ।

ନୀରବ ଜନତା
ତା ମୁହଁରେ ନାହିଁ କଥା
ଆଖିରେ ତାର ସ୍ୱପ୍ନ
ରୁଦ୍ର ବୀଣାର ଝଙ୍କାର
ସବୁ ମିଶିଗଲା ପରେ
ହଜିଛି ସେ ତାରରେ
ତା ବେପଥୁ ସୁରରେ।

❖❖❖

# ପାରିଜାତର ମର୍ମର

ସରଗର ପାରିଜାତ
ତୋଳି ଥିଲି ତାଙ୍କରି ବଗିଚାରୁ
ଯେଉଁଠି ଫୁଟିଥିଲେ ମଲ୍ଲୀ ଓ ରଜନୀଗନ୍ଧା
ଦେବତାଙ୍କଠାରୁ ବଡ଼ ମନେ ହେଲା
ନ ହେଲେ ଫୁଟିଥାନ୍ତା କେମିତି ଏ ଫୁଲ
ଯେଉଁଠି ସମ୍ପର୍କଟି ବନ୍ଧା ।

ହୃଦୟଟି କେଡ଼େ ଖୋଲା
ମନ ବି ହାଲୁକା
ଯତ୍ନ କରି ରଖିଥିଲେ ସମ୍ପର୍କର ମୂଲ
ଭରିଗଲା ମୋ ଆଞ୍ଜୁଳି
ସାଇତି ଦେଲି ମୋ ରୁପାଗଡ଼ା ଫରୁଆ ଭିତରେ
ଉଇ ପୋକ ଖାଇବାର ଭୟ ନ ଥିଲା ।

ପରଖିଲି ବାଟସାରା କିଏ ଭାରି
ପାରିଜାତ ନା ଏ ସମ୍ପର୍କ
ସମ୍ପର୍କଟି ହେଲା ଓଜନିଆ
ରାକ୍ଷୀର ବନ୍ଧନ କରିଛି ତାକୁ ଆହୁରି ଶକ୍ତ ।

ଗୋଟିଏ ବର୍ଷ ପରେ
ସମ୍ପର୍କରେ  ପୂର୍ଣ୍ଣଚ୍ଛେଦ ଟାଣି
ବିରାଟ ବ୍ୟକ୍ତିତ୍ୱ, ବିଶାଳ ହୃଦୟ
ଅସୀମ ସମ୍ମାନରେ ରଙ୍ଗେଇ ଯାଇଥିବା
ମଣିଷଟି କାହିଁ କେତେ ଦୂରେ
ତତଲା ଲୁହରେ ଜୁଡୁବୁଡୁ
ଝାପସା ଝାପସା ସ୍ମୃତି ସବୁ
ଗୋଟେଇ ଗୋଟେଇ ଥକି ଗଲା ପରେ
ଆଖିଟା ଝଟ୍ କରି ପଡ଼ିଯାଏ
ପାରିଜାତର ଦରମଉଳା ପାଖୁଡ଼ା ଉପରେ

ପାରିଜାତ ଆଜି ନିସ୍ତେଜ
କଣ୍ଠ ତା'ର ରୁଦ୍ଧ
ଥରିଥରି କହିଚାଲିଛି ସେ
ଶୁଣ ହେ ଜନ ପଟୁଆର
ମାନ, ଜ୍ଞାନ, ଧନ, ମନ ଆଉ କେତେ
କୁହା ଅକୁହାର କାହାଣୀ
ଛାଡ଼ି ଦେଇ ଯାଇଛି ଯାହା
ତୁମ ପାଇଁ ତାହା ଆଜି
ହୀରା, ଲୀଳା, ମୁକୁତା ଓ ମଣି ।

❖❖❖

## ଭୋର ବର୍ଷା

ଗେଟ ଖୋଲି କିଛି ବାଟ ଗଲାପରେ
ଝିପି ଝିପି ବର୍ଷା
ମୁଣ୍ଡରେ ଓଢ଼ଣା ଦେବାକୁ ପଡ଼ିଲା
ମନେପଡ଼ିଲା ଅନେକ ଦିନର କଥା ।
ଓଢ଼ଣାଟା ଖସିଗଲେ
କେତେ ଟାହି ଟାପରା
ଓଢ଼ଣା ଭିତରେ ପୁଣି କେତେ ଫିସ୍‌ଫିସ୍ କଥା
ଦରଦର ହସ, ଆଖିରେ ଆଖିଏ ନିଶା ।

ଶବ୍ଦ ନାହିଁ କାହାରି
ନାଁ ଗାଡ଼ିର ନାଁ ପକ୍ଷୀର
ସମସ୍ତେ ଚୁପ୍‌ଚାପ୍
ଚୁପ୍ ରହିନି ଏ ବର୍ଷା
ପତଳା ଅନ୍ଧାର ଘୋଡ଼ାଇଛି ଆକାଶ
ଘୋଡ଼ାଇଛି ରାସ୍ତା ଓ ପଡ଼ିଆ
ଗୋଡ଼ରେ ଘୁଙ୍ଗୁର ବାନ୍ଧି
ଝୁମ୍‌ଝୁମ୍ ନାଚୁଛି ଏ ବର୍ଷା
ମୋ ମୁଣ୍ଡରେ ଓଢ଼ଣା
ଚାଲିଛି ମୁଁ ଏକା ।

ଡମ୍ବରୁ ବାଦ୍ୟ ବର୍ଷା ଯଦି ହୁଅନ୍ତା
ଓଢ଼ଣାଟା ଖସିଯାଉ ପଛେ
ଗୋଟେଇ ଆଣି ନିର୍ବାଚନ କାଗଜ
ଡଙ୍ଗାଟିଏ କରି ଭସାଇ ଦିଅନ୍ତି ପିଚୁ ରାସ୍ତାରେ
ଛୁଟୁଥିବା ସୁଅରେ ।
ନ ଛାଡୁ ଏ ବର୍ଷା
ନ ହେଉ ଫର୍ଚ୍ଚା
ଏମିତି କଳା ବାଦଲ ଥାଉ ଆକାଶରେ
ଝରୁଥାଉ ବର୍ଷା
ଘରେ ପହଞ୍ଚିବାଯାଏ ।

ମସୃଣ ସ୍ୱାର୍ଥପରତା ଭିତରେ
ବୁଡ଼ିଯାଇଛି ନାକ ପର୍ଯ୍ୟନ୍ତ
ଥରେଥରେ ଚାହିଁ ଦେଉଛି
ଥୁଣ୍ଟା, ଅଧାକଟା ଅବା ଗହଳିଆ ଗଛକୁ
ଉଠିଲେଣି ସେମାନେ
ସ୍ୱାର୍ଥପର ମଣିଷ ଉପରେ ରାଗ ନାହିଁ
ଦେହର ଉଷୁମ ପରଶ
ତାଙ୍କୁ ପାଖେଇ ଆଣିଛି
ଏମିତି ସୁଯୋଗ ଛାଡ଼ିବାକୁ ମନ କହୁ ନାହିଁ ।

ବର୍ଷାର ରୁମ୍‌ଝୁମ୍ ଶବ୍ଦ
ଥମି ଥମି ଆସୁଛି
ଓଢ଼ଣାଟି କାଢ଼ିଦେବାକୁ ପଡ଼ିବ
କି ସୁନ୍ଦର ଦୁନିଆର ଛବି ଲିଭିଯିବ
ପାହାଡ଼ ଭଳି ଦୁଃଖ ଆସିଯିବ ଆଖି ସାମନାକୁ

ପଚା ଶାଳ ପତ୍ର, ଅଳିଆ ନର୍ଦ୍ଦମା
ପେଁ ପାଁ ଗାଡ଼ିର ଶବ୍ଦ

ମୋ ମୁଣ୍ଡର ଓଢ଼ଣା
ଉଷୁମ ଦେହର ପରଶ
ଉଭେଇଯିବ କେତୋଟି ମୁହୂର୍ତ୍ତ ପରେ
ଝୁମିଝୁମି ଫେରିଯିବ ବର୍ଷା
ଘୁଙ୍ଗୁର ଶବ୍ଦ ମିଶିଯିବ ଖୋଲା ଆକାଶରେ
ପୁଣି ପଶିବି ମୁଁ ମୋ ଗେଟ୍ ଭିତରେ ।

❖❖❖

## କ୍ରସ୍ ରୋଡ଼

ଅନେକ ବାଟ ପଛେଇଲା ପରେ
ଆଗରେ ପୁଣି ଏକ ଲମ୍ବାରାସ୍ତା
ଲମ୍ବି ଯାଇଥିଲା ସବୁଜ ଗାଲିଚା ଦେଇ
ପାହାଡ଼ର ପାଖେ ପାଖେ
ଦିଗ୍‌ବଳୟ ଛୁଇଁଲା ଯାଏ
ତା'ପରେ ଆସିଯାଏ କ୍ରସ୍‌ରୋଡ଼
ହଁ ନାହିଁ ଭିତରେ
ଅନେକ ପ୍ରଶ୍ନ ଓ ଉତ୍ତର ମଝିରେ
ହରିଣ ଶାବକଟି ପରି
ହୁଏ ସେ ଭୟତ୍ରସ୍ତା ।

ନିର୍ଜନ ବଳୟର ଘେର
ଆଗକୁ ଚାଲିବା ପାଇଁ ନାହିଁ ଥଳକୂଳ
କ୍ରସ୍‌ରୋଡ଼ ମଝିରେ ରହିଛି ତା ପାଦ
ଆଗକୁ ଯାଏ ନି କି ପଛକୁ ଫେରେନି
ଏପଟେ ସେପଟେ ଦେଖେ ସିଂହ ଓ ଶୃଗାଳ ।

ଝିପିରି ଝିପରି ବର୍ଷା ରାସ୍ତାଟା ଖସଡ଼ା
ଖସିଗଲେ ଗୋଡ଼
କେଉଁଠି ପହଞ୍ଚିବ ସେ ? ସିଂହର ଗୁମ୍ଫାରେ

ନାଁ କଅଁଳିଆ ସୁବାସିତ ଫୁଲର
ମଖମଲ୍ଲୀ ଶେଯଟି ଉପରେ ।

କିଛି ଜଣା ନାହିଁ ତାକୁ
ବର୍ଷାଟା ଛାଡ଼ିଗଲା ପରେ
ରାସ୍ତାରେ ଖୋଜିବ
ଦୂରରେ ଦିଶୁଥିବା ପାହାଡ଼ି ଗାଁକୁ
କେତେ କଥା କହିଯିବ କଣ୍ଟେଇ ବୁଦାର ଝିଙ୍କାରି
ଅବା ଆମ୍ବତୋଟାରେ ଲୁଚିଲୁଚି
ଏକାଏକା ଗୀତ ଗାଉଥିବା କୋଇଲିକୁ

ମୁଣ୍ଡରେ ଦୁଇ ପେଣ୍ଟା କୁରେଇ ଫୁଲ ଗୁଞ୍ଜି ଦେବ
ନିଶୂନ ଗାଁରେ ରାଣୀ ସେ ହେବ
ନୁପୂରର ରୁଣୁଝୁଣୁ ଶବ୍ଦରେ
ଶୂନ୍ୟତା ମୁହଁ ଲୁଚାଇବ
ପୁଣି ପାଇବ ସେ ସରଗର ଶଶୀକୁ
ସବୁଜ୍ୟାକ ଶୀତଳତା ଗୋଟେଇ ଆଣିବ
ହେମ କାକର ହେବ ତା' ପୂର୍ଣ୍ଣାଙ୍ଗ ଶରୀର
ପାଦ ହେବ ଥୟ
କୁହୁଡ଼ି ପଛକୁ ପଛକୁ ଧାଇଁବ
କ୍ରସରୋଡ଼ ଛାଡ଼ି, ସେ ପୁଣି ଲମ୍ବା ରାସ୍ତାରେ
ଆଗକୁ ଆଗକୁ ପାଦ ବଢ଼ାଇବ ।

❖❖❖

## ଅନାମିକାର ଫଗୁଖେଳ

ଅନାମିକା ଫଗୁ ଖେଳୁଛି
କେତେ ରଙ୍ଗରେ କେତେ ଢଙ୍ଗରେ
ମିଶିଯାଇଛି ଯେତେସବୁ କଅଁଳିଆ ସ୍ୱପ୍ନ
ତା' ଧୂଆଁଳିଆ ଆଖିରେ
ଉଡ଼ିଯିବ ଆକାଶକୁ କାଳେ ସେହି ସ୍ୱପ୍ନ
ବାନ୍ଧି ରଖିଛି ତାକୁ କାଗଜଫୁଲ
ଓ ଗୋଲାପର ପାଖୁଡ଼ାରେ ।
ଫଗୁଣ ଆସିଛି ରଙ୍ଗ ସବାରିରେ
ଧରଣୀ ହସୁଛି ଚିତ୍ର ବର୍ଣ୍ଣାଳୀରେ
ରଙ୍ଗେଇ ଯାଇଛି କାଗଜଫୁଲର
ଭଳିଭଳି ରଙ୍ଗରେ
ଅନାମିକାର ସାରା ଶରୀର
ଅପ୍ରକୃତିସ୍ଥ ସେ
ନିଜେ ସେ ହଜିଛି ହଜେଇଛି ସାରା ଦୁନିଆ
ରହିବ ଏହି ରଙ୍ଗ ସହରରେ
ଯୁଗ ଯୁଗ ଧରି
ଭାଙ୍ଗିବନି ରଙ୍ଗ ପସରା
ଆଜିର ଏ ମିଠାମିଠା ଅନୁଭବ
ହେବ ତା'ର ଅପାସୋରା ।

ଗୋଲାପର କଣ୍ଟା ଆଜି କେତେ ଆପଣାର
ଟୋପାଟୋପା ରକ୍ତରେ ଖେଳୁଛି ସେ ଫଗୁ
ଲେଖୁଛି ପ୍ରେମ କବିତା ସେ ରଙ୍ଗରେ
ଧାଡ଼ିଧାଡ଼ି ଝଟକୁଛି
ଅମୃତ ଶବ୍ଦରେ ଲେଖା ଏ କବିତା
ଅନାମିକାର ସର୍ବାଙ୍ଗ ରଙ୍ଗିଲା ଶରୀରରେ
ମିଶୁଛି ସେ କବିତା
ଭଅଁରଙ୍କ ଗୁଣୁଗୁଣୁ ତାନରେ
କିଛି କିଛି ଅନାମିକା ଅନ୍ତଃସ୍ୱରରେ ।

କି ସୁନ୍ଦର ସତେ ଏହି ରଙ୍ଗ
ପ୍ରକୃତିର ପ୍ରତୀକ
ଦିନ ସରି ରାତି ଆସୁ, ଆସୁ ପୁଣି ସକାଳ
ଅନାମିକା ଖେଳୁଥିବ ଫଗୁ
ଆଜି ସେ ପ୍ରକୃତି ରଙ୍ଗରେ ପାଗଳ

ସକାଳର ସୂର୍ଯ୍ୟରଶ୍ମି
ଆଜି ତାକୁ ଆନମନା କରୁଛି
ରଙ୍ଗ ଆସରରେ ସେ ଡୁବି ଯାଇଛି ।
ଭୁଲି ସବୁ ଦୁନିଆର ପିଚ୍ଛିଳ କୃତ୍ରିମତା
ତନୁ ମନକୁ ସେ ରଙ୍ଗରେ ପଖାଳୁଛି ।

ତା' କାନକୁ ଶୁଭୁନାହିଁ
ଝାଞ୍ଜ ମୃଦଙ୍ଗର ଶବ୍ଦ
ସହରର କୋଳାହଳ
କେବଳ ଶୁଭୁଛି ତାକୁ
ଆଜି ଏ ଶାଶ୍ୱତ ପ୍ରେମର ନିନାଦ ।

❖❖❖

# ରାତ୍ରି

ଜହ୍ନ ଏକା ପରିଚୟ ନୁହଁ
ତାରା ବି ତା' ପରିଚୟ
ବାସର ରାତିରେ ପ୍ରିୟାର ଗଭାରେ
ରଜନୀଗନ୍ଧା ବାସ୍ନାରେ
ମହକେ ସେ ପରିଚୟ ।

ନିଦଭିଜା ସ୍ୱପ୍ନରେ
ଫରଫର ଉଡୁଥିବା ପଣତକାନିରେ
ବନ୍ଧା ସେ ପରିଚୟ
ଚାନ୍ଦକୁ ଝୁରୁଥିବା କୁମୁଦର
ଅପଲକ ନୟନର ଚାହାଣି
ଦିଏ ତା' ପରିଚୟ ।

କଳା ଚଦର ଭିତରେ
ନିସ୍ତେଜ ପୃଥିବୀ ଶ୍ୱାସରେ
ଭଉଁରି ଖେଳେ ସେ ପରିଚୟ
ନୀଳିମାର ପରେ ଫୁକିଆ ତାରାର
ଫିକ୍‌ଫିକ୍ ହସରୁ
ଝରିପଡ଼େ ସେ ପରିଚୟ ।

ଶୂନ୍‌ଶାନ୍ ଦାଣ୍ଡ ମଝିରେ
ଶ୍ୱାନର ଶବଦ ଭିତରୁ
ମିଳିଯାଏ ତା' ପରିଚୟ
ଜୁଳୁଜୁଳିଆ ପୋକର
ଦପ୍ ଦପ୍ ଆଲୋକ
ଝଟ୍‌ଝଟ୍ ଲେଖିଯାଏ
ତା'ର ସେ ମସୃଣ ପରିଚୟ।

ସ୍ୱାମୀହରା ନିରୀହାର ଥରଥର ଛାତିର
ଦୀର୍ଘ ନିଶ୍ୱାସରେ
ଭିଜିଯାଏ ସେ ପରିଚୟ
ଫୁଟ୍‌ପାଥ୍ ଉପରେ ଥରଥର ପଞ୍ଜରା ହାଡ଼ଧରି
ଶୋଇଥିବା ଭିକମଗା ଦଦରା ମଣିଷ
ଭଜୁଥାଏ ତା ପରିଚୟ।

କଂସାଏ ପଖାଳ ଖାଇ
ଶାନ୍ତିରେ ଘୁଙ୍ଗୁଡ଼ି ମାରି
ମାଟିର ମଣିଷ ଦିଏ ତା' ପରିଚୟ
ଘର ବାହୁଡ଼ା ପକ୍ଷୀ ଦମ୍ପତି
ଉଷୁମ ନୀଡ଼ରେ ମୁହଁ ଗୁଞ୍ଜି
ସ୍ୱାଗତ କରନ୍ତି ତାକୁ
ଦେବାକୁ ତା' ପରିଚୟ।

ନୀଳ ଦରିଆର ଉତ୍ତାଳ ତରଙ୍ଗ
ବିଚ୍ଛୁରିତ ଶୁଭ୍ର ଜ୍ୟୋସ୍ନା
ନିସ୍ତବ୍ଧ ବେଳାଭୂମି
ଦର୍ଶକର ପାଦଚିହ୍ନରେ

ଲେଖା ତା'ର ପରିଚୟ
ଗାଁ ଦାଣ୍ଡ, ଲୁଚକାଳି ଖେଳ
କୁଆଁର ପୂନେଇଁ ଜହ୍ନିଫୁଲ
ଗାଉଥାଏ ତା' ପରିଚୟ।

ଶେଷରେ ଲମ୍ବା ଓଢ଼ଣା ଭିତରୁ
ଫିସ୍‌ଫିସ୍ କହୁଥାଏ ସେ
ରାତ୍ରି ହିଁ ତା'ର ପରିଚୟ।

❖❖❖

## ମୁକ୍ତା

ଟୋପାଏ ଜଳରୁ ତୋ ସୃଷ୍ଟି
ଶାମୁକା ଗର୍ଭରେ
ଅଥଳ ସମୁଦ୍ର ମଝିରେ।
ସାର୍କ ଓ ସିଲ୍ ସାମ୍ରାଜ୍ୟରେ
ଥାଉ ତୁ ନିରାପଦ
ଶକ୍ତ ଆବରଣ ଭିତରେ।

ତୋ ସୌନ୍ଦର୍ଯ୍ୟରେ ସାର୍କ ହୁଅନ୍ତି ପାଗଳ
ସିଲ୍ ତୋତେ କରନ୍ତା ନିଜର
ତୁ କିନ୍ତୁ ସଭିଙ୍କ ଆଢୁଆଳରେ
ରହିଥାଉ ଆରାମରେ
ମାଟି ମା'ର ଉଷୁମ ଶଯ୍ୟାରେ।

ଯେତେବେଳେ ଶାମୁକା
ଦେଖାଏ ତୋତେ ଏ ଦୁନିଆ
ଶୋଭା ପାଉ ତୁ ଭଳି ଭଳି ବେଶରେ
କେତେବେଳେ ଗଳାରେ ତ କେତେବେଳେ କର୍ଣ୍ଣରେ
କଅଁଳିଆ ଶିଶୁର ଖିଲିଖିଲି ହସରେ।

ଝଟକୁ ଥାଉ ତୁ ପୌଷ ସକାଳର
କାକର ବିନ୍ଦୁରେ

ପ୍ରେମିକାର ଦନ୍ତପନ୍ତିରେ
ଲାଗିଥାଏ ତୋ ଚମକ
ଟିକିଏ ହସିଦେଲେ
ଝଡ଼ିପଡୁ ତୁ ସରଗରୁ
ଝରୁଥିବା ବର୍ଷା ଭଳି
ଗୋଟେଇ ପକାଏ ପ୍ରେମିକ
ତୋ ବର୍ଣ୍ଣନା ପାଇଁ କବିଙ୍କ
ଲେଖନୀ ହୁଏ ଚଳଚଞ୍ଚଳ
ଟୋପାଏ ଜଳରୁ ଜନ୍ମିଲେ ବି
ତୋ ଉପମା ବିରଳ ।

❖❖❖

## ବାହାଘର

ବାହାଘର ଆଗଦିନ ବୋଉ କହିଥିଲା
କାଲି ତୁ ହେବୁ ପରଘରୀ
ସେ ଘର ସେ ଅଗଣା
ସବୁ ଭଲ ଲାଗିବ
ସ୍ୱାମୀ ହେବେ ଦୁଇକାଳ ପାଇଁ ସାଥୀ
ହାତକୁ ହାତଧରି ଆଗେଇ ନେବେ ତୋତେ
ତୋ ଜୀବନ କୁସୁମିତ ହେବ।

ଆମେ ହେବୁ ସାତ ପର
ନିଜର ହେବେ ଶାଶୂ ଶ୍ୱଶୁର
ଯାଆ ନଣନ୍ଦଙ୍କ ସହ ମିଶିଯିବୁ
କ୍ଷୀର ସହ ନୀର ଭଳି
ହସ ଖୁସି ଖେଳି ଯିବ ଶାଶୂଘରେ
ଆମ ଘର ଶୂନ୍‌ଶାନ୍ ଲାଗିବ
ତୁ ଚାଲିଗଲା ପରେ।

ଏ ତ ନିୟମ ଦୁନିଆର
ନିଜର ହେବ ପର
ପର ହେବ ନିଜର
ନିଜର କଲେ ତୁ
ପାଇବୁ ସଭିଙ୍କଠୁ ଆଦର

ସୁନାନାକୀ ବୋହୂ ହେବୁ ସାହି ପଡ଼ିଶାରେ
ଶାଶୂଘର ଉଛୁଳିବ ପୂନେଇଁ ପର୍ବରେ।

ବିଭୁ ଆଶ୍ରା କରିବୁ ତୁ ଚିଡ଼େ
ସବୁ ଦୁଃଖ ଉଡ଼ିଯିବ ଶିମିଳି ତୁଳାଭଳି
ସୁଖର ପସରା ଅଜାଡ଼ି ପଡ଼ିବ ତୋ ଚଲାପଥେ
ଏତିକି କଇଲାଣ କରୁଛି ମା ତତେ।

❖❖❖

## ରଥାରୂଢ଼ ଜଗନ୍ନାଥ

ଅନେକ କଲମରୁ
ଜନ୍ମ ତୁମ ବୃତ୍ତାନ୍ତ
ଅନେକ ଦିନରୁ
ଆଜି ଆଉ କାଲି
ଠିକ୍ ସମୁଦ୍ର ଲହଡ଼ି,
ସୂର୍ଯ୍ୟ, ତାରା ଭଳି ।

କିଏ ଲେଖେ ତୁମ ଚକାଚକା ଆଖି
ଆଉ ନାକ ଫୁଲ କଥା
ଅପୂରଣ ହାତ ଓ ପାଦହୀନ ଗାଥା
ନାଲି ଅଧର, ପୀତବାସ
ଚୁଆ ଚନ୍ଦନ, ଛପନ ପଉଟି ଭୋଗ
ପୋଡ଼ପିଠା ଓ ଅବଢ଼ା
ତୁମ ନୀଳଚକ୍ର, ବାଇଶି ପାହାଚ
ଅବକାଶଠାରୁ ଶୟନ ପର୍ଯ୍ୟନ୍ତ
ତୁମ ବଡ଼ଦାଣ୍ଡ ତୁମ ରଥ ଟଣା
ତୁମ ପତିତପାବନ ବାନା
ରଥ କାଠ ଭଙ୍ଗା କେତେ କ'ଣ ?

ତୁମ ପାଇଁ ଦୁଇଧାଡ଼ି ଲେଖିବା ପାଇଁ
ଏଇ କେତେଦିନ ହେଲା

ଯେତେ ମୁଁ ଭାବୁଛି
କେବଳ ଗୋଟିଏ ଦୃଶ୍ୟ
ମୋ ଆଖିରେ ନାଚୁଛି ।

ରଥାରୂଢ଼ ଥିଲ ତୁମେ
ଗଲି ମୁଁ ଡାକିବା ପାଇଁ
ନିମନ୍ତ୍ରଣ ପତ୍ର ନେଇ
ମୋ ପୁସ୍ତକ ଲୋକର୍ପଣ ଉତ୍ସବରେ
ପ୍ରଭୁ ଯୋଗ ଦେବ
ନିର୍ଭୀକ ହେବି ମୁଁ
ଦମ୍ଭ ମୋର ବଢ଼ିଯିବ ।

ତୁମ ଭଳି ମୁରବୀଙ୍କୁ ପାଇବି
ତୁମ ରଥ ଭାବି ଚଢ଼ି ଗଲି
କେତେ ଲୀଳାମୟ ତୁମେ
କହିଲ,
ବଡ଼ଭାଇଙ୍କୁ ନିମନ୍ତ୍ରଣ ପତ୍ର ଦିଅ
ସେ ପରା ଘରର ମୁରବୀ

ଏ କ'ଣ ପ୍ରଭୁ —
ତୁମ କଥା ଶୁଣି
ଚେତା ମୋର ପଶିଲା
ଏ'ତ ପ୍ରଭୁ ବଳଭଦ୍ର
ତୁମ ଦିଗ୍‌ଦର୍ଶନ ଲଭି
ଆଚମ୍ବିତ ହେଲି
ପାଖେ ପାଖେ ଅଛ ବୋଲି ଜାଣିଲି ।

ନିମନ୍ତ୍ରଣ ପତ୍ର ଦେଇ ବଡ଼ଭାଇଙ୍କୁ
ନିମନ୍ତ୍ରଣ କଲି ସଭିଙ୍କୁ

ସମସ୍ତେ ଆସିଲ
ସୁନ୍ଦର ଭାବରେ ସବୁ କର୍ମ ତୁଟେଇ
ବଡ଼ଭାଇ ଓ ଭଉଣୀ ସହିତ ଫେରିଲ।

ଗଲାବେଳେ ଦେଇଗଲ
ତୁମ ସନ୍ତକ
ଦୋହରାଇବା ପାଇଁ
ମୋର ଏ ଅନୁଭବ କ୍ଷଣକ।

❖❖❖

## ଯାତ୍ରା ଶେଷ ତିଥିର

ଏ ଯାତ୍ରା କେତେଦୂର
କେଉଁ ଦିଗକୁ, କେଉଁ ଦେଶକୁ
ଅବା ଅନ୍ତରୀକ୍ଷକୁ
କିଛି ଜଣାନାହିଁ ତାକୁ ।

ମହାଯାତ୍ରାର ପଥିକ ସେ
ପଥ ତା'ର ଅସରନ୍ତି
ଉଡ଼ିଉଡ଼ି ଯାଉଛି ତା' ପୁଷ୍ପିତ ବିମାନ
ଆକାଶରେ ଛୁଟୁଥିବା ରକେଟ୍
ଅବା ସୁସୁ ପବନ ବେଗରେ
କେଉଁ ନିସ୍ତବ୍ଧ ଇଲାକାରେ
ପହଞ୍ଚିବ ଏ ବିମାନ
ସବୁ ଦିଗ ଶୂନ୍‌ଶାନ୍ ।

ଅଙ୍ଗ ଲତିକାରେ ଚୁଆ ଚନ୍ଦନର ଲେପ
ବିଜୟର ଟିକା ମସ୍ତକରେ
ପାଟ ପୀତାମ୍ବରି ପିନ୍ଧି ଝଟକୁଛି ରାଜପୁତ୍ର
ଗଡ଼ ଜିତିଗଲା ପରେ ।
ଆପଣେଇ ନେଇଛି ଏ ପୁଷ୍ପିତ ବିମାନ

ଆଗେଇଛି ଆଗକୁ ଆଗକୁ
କେଉଁଆଡ଼େ ଯିବ ସେ
ଜଣା ନାହିଁ ତାକୁ ।

ଭଳିଭଳି ଫୁଲରେ ବିମାନ ଶୋଭିତ
ତା' ଅଗଣାରୁ ଲିଭିଯାଇଛି ରଂଗ,
ଫିକ୍‌ଫିକ୍ ହସ
ପ୍ରଜାପତିଙ୍କର ନାହିଁ ଆଜି ଭିଡ଼
ଶୁଭୁନାହିଁ ଭଅଁରର ଗୁଣୁଗୁଣୁ ସ୍ୱର
ଉଡ଼ିଗଲେଣି କେତେବେଳୁ
ଆଜି ସେମାନେ ବନ୍ଧୁ ହରା
ବୁହାଇବ କିଏ ଆଉ
ପ୍ରେମର ଫଲ୍‌ଗୁ ଧାରା ।

ସାଙ୍ଗରେ ପାଟମନ୍ତ୍ରୀଙ୍କ ଶୋଭାଯାତ୍ରା
ଝାଞ୍ଜ ମୃଦଙ୍ଗରେ କମ୍ପୁଛି
ଗଗନ ପବନ
ହରିବୋଲ ହୁଳହୁଳି ଶବଦରେ
କମ୍ପୁଛି ମେଦିନୀ
ଲମ୍ବା ରାସ୍ତାର ପଥିକ ସେ
କିଛି ଶୁଣି ପାରୁନି,
କେଉଁଆଡ଼େ ବିମାନ ଧାଉଁଛି
କିଛି ସେ ଜାଣେନି ।

ପଥଧାରେ ଲମ୍ବା ଧାଡ଼ି
ଶୋକାକୁଳ ବନ୍ଧୁ ପରିଜନ
ବାଟରେ ଚାହିଁଛନ୍ତି

ହାତଗଢ଼ା କୀର୍ତ୍ତି
ଦୀର୍ଘ ଅତୀତର ସ୍ମୃତି
ସବୁକୁ ଛାଡ଼ିଗଲାପରେ
ସେ ଆଜି ନୀରବ
ଗଗନ ପବନ ଗାଉଛି
ତା ଅତୀତ ଗୌରବ।

ଶୁଭେଚ୍ଛୁଙ୍କ ଶଙ୍ଖୁଳାକୁ
ନାହିଁ ତା'ର ନିଘା
ଟିକିଏ ଅଟକି ଯିବାକୁ
ନାହିଁ ତା'ର ବେଳ
ଅନେକ ବାଟ ଯିବାକୁ ହେବ
ବିମାନ ଅଟକୁ ନାହିଁ
ସେ ଆଜି ଶେଷ ତିଥିର ପଥିକ।

❖❖❖

## ସଭା ବସିଛି

ସଭା ବସିଛି
ସବୁଜ ଗାଲିଚା ଉପରେ
ଧାଡ଼ି ଧାଡ଼ି ବସିଛନ୍ତି ବଗମାନେ
ଶାଢ଼ିର ଧଡ଼ିଟିଏ ସାଜି
ଅନେକ ଚିନ୍ତା ଓ ଆଲୋଚନା
ଏ ଲୋକମାନଙ୍କ ପାଇଁ।

ଅଧା ସ୍ୱପ୍ନ ରହିଯାଇଛି
ବହଳ ଅନ୍ଧାର ମୁହଁ ଲୁଚିବା ଆଗରୁ
ବାସି ଶେଯ ଛାଡ଼ି
ସେ ଲୋକଟି ଧାଇଁଛି
ପଡ଼ିଆର ପାଖେପାଖେ
ଶୁଣୁଛି ସେ ବଗମାନଙ୍କ କଥା
ଆହୁରି ଆଗକୁ ଚାଲ ଥକିବା ଯାଏ
ଥକିଥକି ବସିପଡ଼ ଆମ ସଭାରେ
ଝାଡ଼ିଝୁଡ଼ି ଆମ ସହିତ ଉଡ଼ ଆକାଶରେ
ଯେଉଁଠି ଧରି ପାରିବନି ତୋତେ ଦୁର୍ବୃତ୍ତ ମଣିଷ
ଲକ୍ଷ୍ୟ ତାର ଭ୍ରଷ୍ଟ ହେବ
ତୁ ହୋଇଯିବୁ ଆମର

କିମ୍ୱା
ଲୁଚିଯା ଆମ ଧାଡ଼ିରେ
ଘୋଡ଼ାଇ ଦେବୁ ଆମ ଧଳା ପରରେ
ଗୋଡ଼ାଉଥିବା ଶତ୍ରୁ ଫେରିଯିବ
ତୁ ହେବୁନି ବିପଦ ଶଙ୍କୁଳ
ଆମେ ପରା ବସିଛୁ ଏଠି ମାଳମାଳ

ଏଡ଼େ ଦୁର୍ବଳ ଦେହ ଦେଖି
ବିଶ୍ୱାସ ହୁଏନି ତୋର
କେମିତି ପାଇବୁ ତୁ ଆମଠୁଁ ବଳ
ଏକଏକ ମିଶି ଆମେ ଅନେକ
ଅନେକ ହେବାରୁ ଆମେ ସବଳ।

ନେଇଯିବୁ ଆମେ ଏ ସଭ୍ୟତାର
ପଛପଟକୁ ଉଡ଼ାଇ ଉଡ଼ାଇ
ରକ୍ତର ସୁଅ ନ ଥିବ
ହଣାକଟା ସ୍ୱପ୍ନ ହେବ
ମାଓବାଦୀ, ସନ୍ତ୍ରାସବାଦୀ
ଦାଦାବଟି ନ ଥିବ ସେଠାରେ
ନିର୍ଭୟରେ ରହିବୁ ତୁ ଆମ ସାଥିରେ।

ସଭାପତିଙ୍କ ଭାଷଣ ସରି ଆସିଲାଣି
କହିକହି ସେ ଥକି ପଡ଼ିଲେଣି
ସଭ୍ୟମାନେ ଗୋଟିଗୋଟି ହୋଇ
ଛାଡ଼ିଲେଣି ସଭାସ୍ଥଳୀ
ତଥାପି ଏ ମଣିଷର ବଦଳିନି ମନ
ସେହି କଳଙ୍କିତ ସମାଜ ତାକୁ ବାନ୍ଧି ଧରିଛି
ସେ ରଜ୍ଜୁକୁ ଛିଡ଼ାଇ
ବଗ ସହ ଉଡ଼ିବ କେମିତି ?

❖❖❖

# ନିସ୍ତବ୍ଧତାର ଅନ୍ତଃସ୍ୱର

କ୍ରସ୍‌ରୋଡ଼ରେ ଛିଡ଼ା ହୋଇଛି
ସବୁ ରାସ୍ତା ଲୋକାରଣ୍ୟ
ପେଁ ପାଁ ଗାଡ଼ି ଶବ୍ଦ
ମୁଁ କିନ୍ତୁ ନିସ୍ତବ୍ଧ।
ଗୋଟିଏ ନାଆଁର ଡାକ
ବାରବାର ଦୋହରାଏ ମନ
ଅବେଳରେ ଥରିଲା ସ୍ୱରର ପ୍ରତିଧ୍ୱନୀ
ସୃଷ୍ଟି କରେ ଗୁରୁ ଗମ୍ଭୀର ଢେଉ
ସୁନାମି ହାର ମାନିଯାଏ
ତଥାପି ମୁଁ ନିସ୍ତବ୍ଧ।

ଏତେବଡ଼ ଶୂନ୍ୟତା
ମୋ ଆଞ୍ଜୁଳିରେ ଧରୁନି
ପଣତ କାନିରେ ଯାକି ଧରିଛି
ଯିବାକୁ ସେ ଚାହୁଁନି
ଅଣନିଃଶ୍ୱାସୀ ହୋଇଛି ସେ ଆଜି
ଖୋଜୁଛି ସେ ତା ତତଲା ଲୁହରେ
ବିଗତ ଦିନକୁ
ଶକ୍ତି ନାହିଁ କିଛି କହିବାକୁ
ଖାଲି ରହିଛି ମୁଁ ନିସ୍ତବ୍ଧ

ମୁଁ ଖୋଜୁଛି ମୋ ହଜିଲା ଅତୀତ
ସେହି କ୍ରସ ରୋଡ଼ରେ
ଟିକିଏ ମାତ୍ର ଦୂରତା
ଲମ୍ବା ଭଳି ଲାଗୁଛି
ଥରଥର ହାତରେ ଅଣ୍ଡାଳୁଛି ତାକୁ
କେମିତି ଜାଣିବି ମୁଁ
ଏତେ ପାଖରେ ସେ ଅଛି ।

ଜୁଆରିଆ ମନଟା
ମାଗୁଛି ଛୋଟିଆ ବିନ୍ଦୁଟିଏ
ମଣି ମୁକୁତା ନୁହଁ
କୁବେର ଭଣ୍ଡାର ନୁହଁ
ଆକାଶର ତାରା ଫୁଲ ନୁହଁ
ଏତେ ସବୁ ରଖିବି କେଉଁଠି
ମାଗୁନି ମୁଁ ଯୁଗଟିଏ
ବର୍ଷଟି ହେବ ଖୁବ୍ ବଡ଼
ମାସ ଦିନ ସବୁ ରଖିଦେଇ
ଦେଉ ଖାଲି ନିମିଷଟେ
ହେବି ମୁଁ ଧନ୍ୟ ।

❖❖❖

## ସମୟ ଡାକୁଛି

ସମୟ ଡାକୁଛି
ଦୁଆର କବାଟ ଖୋଲି
ଚାଲି ଆସିବାକୁ ରାଜ ରାସ୍ତାକୁ
ଆଖି ମିଟିମିଟି କରି ଚାହୁଁଥିବା
ଭୀକମଗା ଶିଶୁଟି ପାଖକୁ
ଦେହରେ ଛିଣ୍ଡାକନା ଖଣ୍ଡେ
ଘୋଡ଼େଇ ଦେବାକୁ।
ଦଦରା ଗିନାରେ ଚୁଡ଼ା ମୁଢ଼ି ଗଣ୍ଡେ ଦେଇ
ବୁଝେଇ ଦେବାକୁ ତା' ଅବୁଝା ମନକୁ।

ସମୟ ଡାକୁଛି
ନରକରେ ସିଝୁଥିବା
ଗୁଣୁଗୁଣଉଥିବା ଅବଳାର ଦୁଆରକୁ
ଉଦ୍ଧାର କରିବା ପାଇଁ
ଲକ୍ଷ୍ମଣ ଗାର ସେ ପଟୁ
ବଧୂବେଶେ ସଢୁଥିବା ତା'
କଅଁଳିଆ ଛନଛନ ମନକୁ।

ସମୟ ଡାକୁଛି
ପ୍ରଭୁ ତୁମ ଦୁଆରକୁ
ବାବୁ ମା ଡାକର ଚିତ୍କାର

ଟଙ୍କାଟିଏ ପାଇଁ କେତେ ନେହୁରା
ମୁହଁ ମୋଡ଼ି ଚାଲିଯାନ୍ତି ଭକ୍ତ ଶହଶହ
ସେଥିକୁ ନ ଥାଏ ନିଘା
ଡାକି ଚାଲିଥାନ୍ତି ସେମାନେ
ପ୍ରଭୁ ଦରଶନ ତୁଚ୍ଛ
ଟଙ୍କେ କି ଆଠଣା
ଏତକ ହୋଇଗଲେ ଆଉ ସବୁ ମିଛ ।

ସମୟ ଡାକୁଛି
ପ୍ରକୃତିର ତାଣ୍ଡବ ଲୀଳା ପରେ
କଙ୍କାଳ ଦେଖେଇ
ଚାହିଁଥିବା ଗାଁକୁ
ପତ୍ରହୀନ ଥୁଣ୍ଟା ଗଛ
ମୂକ ସାଖୀ ସେ ବିଭୀଷିକାର
ମାଟିରେ ମିଶିଥିବା ଭିଟାମାଟିର
ରିଲିଫ୍ ଗଣ୍ଡେ ପାଇଁ
ଚାହିଁଛନ୍ତି ଆବାଳ ବୃଦ୍ଧବନିତା
ପେଟ ଚାଖଣ୍ଡେ ପାଇଁ
କେତେ ଚିନ୍ତା ।

❖❖❖

## ଖୋଜିଲା ଜୀବନ

ସନ୍ଧ୍ୟାରେ ମୋ ହସ
ଶୁଭିଗଲା ବାନ୍ଧବୀଙ୍କୁ
ବାରମ୍ବାର ପ୍ରଶ୍ନ
କିଏ ସେ ଭଦ୍ରଲୋକ
ଯିଏ ଦେଲା ମୁଠାମୁଠା ହସ
ତୁମ ଶୁଖିଲା ମୁହଁରେ
ତୁମ ହସର ଲହଡ଼ି
ଖେଳି ଗଲା ମୋ ଘରେ।

ସେ ପଟର ହସ ତୁମେ ଶୁଣିନାହଁ ବନ୍ଧୁ
ଦୁଇ ଜଣଙ୍କର ହସ ମିଶି
ଟେଲିଫୋନର ତରଙ୍ଗ ସହ
ସୃଷ୍ଟିକଲା ଅଫୁରନ୍ତ କମ୍ପନ
ଅମୃତର ବର୍ଷା
ଏଇ ତ ଜୀବନ।

ଧନରତ୍ନ ସରଗର ଚାନ୍ଦ
ଦିଏ ନି ଜୀବନ
ପଦଟିଏ କଥା
ଟିକିଏ ମମତା

ମନ ଖୋଲା ହସ
ଦିଏ ମୋତେ ଖୋଜିଲା ଜୀବନ।

ସରଗର ପାରିଜାତ
ଶୈବାଳର ପାହାଡ଼
ମୟୂରର ରୁମ୍‌ଝୁମ୍ ନୃତ
ନାଉରୀର ମନମତାଣିଆ ଗୀତ
ଫୁଲର ଓଠ ଉପରେ ବସିଥିବା
ପ୍ରେମୀ ପ୍ରଜାପତି
ଏ ସବୁ ଦେଖିଲା ପରେ
କାହିଁ ମିଳେନିତ ଜୀବନ
ଜୀବନଟା ମିଳିଯାଏ
ହସର ଲହଡ଼ିରେ
ସୃଷ୍ଟିକରେ ବାରବାର ମୋ ମନରେ ସ୍ପନ୍ଦନ।

ମୋ ମାନସୀ କନ୍ୟାଙ୍କ ମେଳରେ
ବାନ୍ଧବୀଙ୍କ ସହ ଚା ପର୍ବ
ଚା' ପିଆଲାରେ ସୃଷ୍ଟି
ସେ ଶବ୍ଦର ତରଙ୍ଗ
ଲମ୍ବିଯାଏ କାହିଁ କେତେ ଦୂର
ବେଳେବେଳେ ଛୁଇଁଯାଏ
ମୋ ଗୋଲାପ ଡାଳିଆଙ୍କ କୋଳ
ସେମାନେ ବି ମତୁଆଲା
ମୁଁ କିନ୍ତୁ ନୀରବ
କାନକୁ ଶୁଭୁଛି ସେହି ହସର ଶବ୍ଦ।

❖❖❖

## ଝୁରୁଛି ସେ ମିଟୁକୁ

ଝରକାର ସେ ପଟରୁ କାନ୍ଦକାନ୍ଦ ସ୍ୱର
ବିରହ ବେଦନା ମିଶା ନାଆଁ ଝୁରୁଛି ମିଟୁର
ଏତେ ବଡ଼ ଶୀତରାତି ତା ଆଖିରୁ ସରୁନି
କେତେଦୂରେ ରହିଲା ତା ମିଟୁ
ଆଖି ତାର ପାଉନି।

କିଟିକିଟି ଅନ୍ଧାର ଭିତରେ
ଭସା ବାଦଲ ସହିତ ଭାସିଭାସି ଯାଉଛି
ତା ମିଟୁ ଦେହରେ କେତେ ସେ
ନିଶି ପଦ୍ମ ଆଙ୍କୁଛି
ମିଟୁ ଛାତିର ଉଷୁମ ପରଶ
ତାକୁ ପାଗଳ କରୁଛି
ଡହଳ ବିକଳ ହୋଇ
ବାରମ୍ବାର ମିଟୁକୁ ଚାହୁଁଛି।

ଆଉ ସେ ଫେରିବନି ଫୁଟିକିଆ ପଞ୍ଜୁରିକୁ
ଉଡ଼ିଉଡ଼ି ବୁଲିବ ସେ ଏ ଡାଳରୁ ସେ ଡାଳକୁ
ମିଟୁକୁ ନେଇ ସେ କେତେ ସ୍ୱପ୍ନ ଦେଖିବ
ମିଟୁ ନାମ ନେଇ କେତେ ଗୀତ ସେ ଗାଇବ
ଅନେକ ମିନତି ମିଟୁକୁ

ଶାମୁକା ଗର୍ଭରେ ରଖିଦେ ମୋତେ ମୁକ୍ତା କରି
ଉଡ଼େଇ ନେ ମୋତେ ସାତ ସମୁଦ୍ର ସେପାରି
ଅବା ତୋ ଘର କୋଣରେ
ଲୁଚାଇ ଦେ ମୋତେ
ଏମିତି ଅନ୍ଧାର ଭିତରେ

ପାହାନ୍ତିଆ ପବନରେ
ତା ଦେହ ଶୀତେଇ ଉଠୁଛି
ନିରିମାଖି ହୋଇ
ଗଛ ଡାଳରେ ମିଟୁ ରହିଯାଉଛି
ବନ୍ଦ ପଞ୍ଜୁରି ଭିତରକୁ ସେ ଫେରି ଆସୁଛି
ମିଟୁ ମିଟୁ ଡାକ ତାର ବାରମ୍ବାର ଶୁଭୁଛି
ନିର୍ଦ୍ଦୟ ମଣିଷଟା କି ସୁଖ ପାଉଛି ?

❖❖❖

## ଶୀତ ଲହରୀ

ଭସାଭସା କୁହୁଡ଼ି
ତା' ଭିତରେ ଧାଇଁଥାଏ ଶୀତର ଲହରୀ
ଠିକ୍ ଶିମିଳି ତୁଳା ପରି ଅଟକେଇ ପାରେନି
ଗଛ ଓ ପାହାଡ଼
ସବୁକୁ ଠେଲି ଦେଇ
ପଶିଯାଏ ଗଳି କନ୍ଦି
ମାନେନି ସେ କଣ୍ଟା ବୁଦା
ଅବା ପାଚିଲା ଧାନ କିଆରି।

ସନିଆ ମା'ର ପାଦ ଛୁଇଁଯାଏ
ବରଡ଼ା ତାଟି ଘରେ
ଫୁଙ୍ଗୁଳା ପାଦକୁ ଯାକି ଯୁକି ରଖିଦିଏ
ଜହ୍ନ, ତାରା ଦିଶୁଥିବା ଛିଣ୍ଡା କନ୍ଥା ଭିତରେ।

ଟଗର ଗଛଟା ଲଣ୍ଡାଲଣ୍ଡା ଦିଶେ
ଟିକି ଟିକି କଢ଼ ଡରିଯାଏ
କେମିତି କାଢ଼ିବ ଧୋବ ଫରଫର ପାଖୁଡ଼ା
ଲହରି ଛୁଟୁଛି ତା ମୁଣ୍ଡ ଉପରେ।

ପୋଖରୀର ପାଣି ଏବେ ସ୍ଥିର
ଟିକିଟିକି ଭେଳାଭେଳା ମାଛ

ରହିଛନ୍ତି ଗଭୀର ଜଳରେ
ସାହସ ନାହିଁ ମୁଣ୍ଡ ଟେକିବାକୁ
ସହିବାକୁ ଶୀତର ଯନ୍ତ୍ରଣା
ଶୀତୁଆ ସକାଳର ପହିଲି ଖରାରେ ।

କିଛି ଲୋକ ଚାଲିଛନ୍ତି ରାଜରାସ୍ତାରେ
ଜାଣି ହୁଏନି
ଏମାନେ ପୃଥିବୀରେ କି
କେଉଁ ଗ୍ରହରେ ।
ପାଦରୁ ମସ୍ତକ ଯାଏ
ଆବୁରିଛି ଶୀତବସ୍ତ୍ର
ପାଟିରୁ ବାହାରୁଛି ଧୂଆଁର କୁଣ୍ଡଳୀ
ଦାନ୍ତ ହୁଏ ଠକ୍‌ଠକ୍
ଯିବାକୁ ତ ହେବ
ଘାଇଲା ନୁହଁନ୍ତି ସେ ଭୟରେ ।

ବସନ୍ତ ପବନ ଠେଲିଠେଲି
ନେଇଯିବ ଏ ଲହରି
ଥମ ହୋଇଯିବ ଏ ପୃଥିବୀ
ନଇଁ ପଡ଼ିଥିବା ଗଛ ଲତା
ସତେଜ ଦିଶିବ
ସୃଷ୍ଟିର ନିୟମ ଭାଙ୍ଗିବ କିପରି ?

❖❖❖

## ଆଜିର ସକାଳ

ମନେମନେ ଚାଲାଖ ତୁମେ
ମୋ ଆଖିରେ ଧରା ପଡ଼ିଲା ପରେ
ନିଜକୁ ଲୁଚେଇଲେ ବି ଲୁଚିବନି
ଏ କଥା ଜାଣିଛୁ ଆମେ।

ମସ୍ତକରେ ସିନ୍ଦୂର ଗାର
ଆଖିରେ ପ୍ରଜ୍ୱଳିତ ଶିଖା
ବାଟ କାଢ଼ିକାଢ଼ି ନେବାର ନିଶା
କେତେ ଲୁଚାଇବ ନିଜକୁ
ଧରା ପଡ଼ିଛ ତୁମେ
ଭୁଲାଇଲେ ଭୁଲିବୁନି
ତୁମେ କିଏ ଜାଣିଛୁ ଆମେ ।

ସିଂହ ଦୁଆରେ ଥିଲ ତୁମେ ଉଭା
ହାତ ଧରି ଟାଣି ନେଲ
ହସିଦେଲ ଛୁଇଁଲାବେଳେ
ତୁମ ସିଂହାସନ
ବଢ଼ାଇଲ ହାତ
ନେଇଗଲ ଯାହା ଥିଲା
ମନରେ ସାଇତା
କେତେ ଅକୁହା କଥା।

ଦୁଆରେ ଛାଡ଼ିଲ
ମନ ପୂରିଗଲା
ହାତ ହଲେଇଦେଇ ଚାଲିଗଲ
ତୁମ ବାଟ ଚାହିଁଲି
ଦୁଇଟୋପା ଲୁହ ଦେଇ
ପ୍ରଣତି ବାଢ଼ିଲି ।

❖❖❖

## ଶୁଭ ଆଗମନୀ

ନଅମାସ ଦଶଦିନ କେମିତି ରହିଲ
ବିନା ଲାଇଟ ଓ ଫ୍ୟାନରେ
କାନ୍ଦ ସିନା ଶୁଭୁ ନ ଥିଲା
ଅନେକ ବିଧା ଓ ଗୋଇଠା
କେତେ ପଡ଼ା ଉଠା
ଥିଲା ତୁମ ଯନ୍ତ୍ରଣାରେ ।

ଯେଉଁଦିନ ଦେଖିଲ ଏ ଧରା
ମେଲି ଦେଲ ସୁଖର ପସରା
ଶୀତଳ ଲୁହ ନ ଗଡ଼ିଲେ ବି
କାନ୍ଦରେ ହସର ପ୍ରତିଧ୍ୱନୀ
ଗୋଡ଼ହାତ ଛାଟିପିଟି
ଜଣାଇଲ ତୁମ ଶୁଭ ଆଗମନୀ ।
ମା'ର ବକ୍ଷରୁ ଝରିପଡ଼ିଲା
ଅମୃତର ଧାରା
ପିଇଗଲ କଣୁଯାଏ
କିଏ ତୁମକୁ ଶିଖାଇଲା ଏ କଥା
ନଇଁଯାଏ ତାଙ୍କରି ପାଖରେ ମଥା ।
ଆଜି ସେମତି ଏକ ଦିନ

ମନେ ନ ଥିବ ତୁମର ସେଦିନ କଥା
ଯିଏ ବା ମନେ ରଖିଥିଲେ
ସେ' ତ ବହୁଦୂରେ
କିନ୍ତୁ —
ଶୁଣୁଛି ମୁଁ ତାଙ୍କକଥା
ତୁମେ ନ ଦେଖିଲେବି
ଦେଖୁଛି ମୁଁ ମୋ ଆଖିରେ ।

❖❖❖

## ଖୋଲା ଫାଟକ

ବିରାଟ ଏକ ଫାଟକ
ସାମନାରେ କୃଷ୍ଣଚୂଡ଼ା
ଉଷୁମ ରକ୍ତରେ ସିକ୍ତ
ଛିଟିକି ପଡୁଥିଲା ରଙ୍ଗ
ମୁଣ୍ଡରୁ ଗୋଡ଼ ଯାଏ
ନିର୍ଭୀକ ମଣିଷଟି ଉପରେ।

ବିରାଟ ବ୍ୟକ୍ତିତ୍ୱ
ବିଶାଳ ହୃଦୟ
ଅସୀମ ସମ୍ମାନରେ
ରଙ୍ଗେଇ ଯାଇଥିବା
ମଣିଷଟି ଫାଟକ ଏପଟେ
ତତଲା ଲୁହରେ ଜୁଡୁବୁଡୁ
ରଙ୍ଗ ବେରଙ୍ଗ ପରଦାରେ
ଝାପସା ଝାପସା ସ୍ମୃତି
ସବୁ ଆଙ୍କି ହୋଇଗଲା
କୃଷ୍ଣଚୂଡ଼ାର ସ୍ୱାଗତ
ତରବର କଲା।

ବିରାଟ ଖୋଲା ଫାଟକ ଦେଇ
ଝଟ୍‌କରି ଚାଲିଗଲା
ଶୀତଳ ଏକ ଶଯ୍ୟାକୁ
ଆପଣେଇ ନେଲା ।

ଅକଳନ ଧନ, ଜ୍ଞାନ, ମାନ
କେତେ କୁହା ଅକୁହା
କାହାଣୀର ପେଡ଼ି
ଏ ସବୁକୁ ନେବା ପାଇଁ
ସମୟ ନ ଥିଲା ।
ଖୋଲା ଫାଟକଟି
ଧୀରେଧୀରେ ବନ୍ଦ ହୋଇଗଲା ।

❖❖❖

# ମୌସୁମୀ ଆସିଛି

ମୌସୁମୀ ଆସିଛି
କେତେ ଦର୍ପ କେତେ ଗର୍ବ
ସବୁକୁ ମିଳେଇ ଦେଇ ସମୁଦ୍ର ଢେଉରେ
ପ୍ରଚଣ୍ଡ ରୌଦ୍ରତାପ
ପରାସ୍ତ ସୈନିକ ପରି
ମୁହଁ ଲୁଚେଇଛି
ଦିଗ୍‌ବଳୟ ସେପାରେ ।

ଆକାଶକୁ ଘୋଡ଼େଇଛି ପାଉଁଶିଆ ଚଦର
ନିଗାଡୁଛି ଧାରଧାର ଅମୃତର ଧାରା ।
ଥିରିଥିରି ପବନର ମୃଦୁ ଆଲିଙ୍ଗନ
ପଶି ଆସୁଛି ଝରକା ଦେଇ
ଛୁଉଁଛି ମୋ ଅଗଣା
ମୋ ଘରର କୋଣ ଅନୁକୋଣ ।

କଅଁଳିଆ କିରଣର ପରଶ
ଦେହମନ ଛୁଉଁଛି ପୁଣି ଆକାଶ
ଖରା ଓ ବର୍ଷାର ଲୁଚକାଳି ଖେଳ
ବେଳେବେଳେ ଆକାଶ ଦିଶୁଛି ନିର୍ମଳ ।

ମୋ ବଗିଚା ହସିଲାଣି
ପ୍ରେମିକ ପ୍ରେମିକାଙ୍କ ଭିଡ଼ ବେଶ୍ ଜମିଗଲାଣି
ମହମହ ବାସନାରେ ମତୁଆଲା
ଗୁଣୁ ଗୁଣଉଛନ୍ତି ସେମାନେ ବଗିଚାସାରା।

ସୁଖ ଦୁଃଖ ଭଳି ଆଗପଛ ହୋଇ
ଗ୍ରୀଷ୍ମ ଓ ବରଷା ଧାଡ଼ି ବାନ୍ଧୁଛନ୍ତି
କେଉଁ ଅନାଦି କାଳରୁ
ହିସାବ ରଖିବାକୁ ପଡୁନି
ଏମିତି ଚାଲୁଛି ଚାଲିବ
ସୃଷ୍ଟିର ବିଲୟ ପର୍ଯ୍ୟନ୍ତ
ଭୁଲିବାକୁ ହେବ ନିଦାଘ ଅତୀତ।

❖❖❖